
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୩୦ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 30 August 2025
Vol.No. 36 ■ No.229 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଜାପାନର ଟୋକିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି: ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ,୨୯/୮ : ଜାପାନର ଟୋକିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବିଶ୍ୱର ଏକ ବ୍ରାଣ୍ଡ କହି ମୋଦିଙ୍କୁ ପ୍ରଶଂସା କଲେ ପ୍ରବାସୀ । ମୋଦିଙ୍କ ପାଇଁ ବିଶ୍ୱରେ ଭାରତୀୟଙ୍କ ପରିଚୟ ବଦଳିଯାଇଛି। ୧୫ତମ ଭାରତ-ଜାପାନ ଶିଖର ବୈଠକରେ ଯୋଗଦେବେ ମୋଦି। ପ୍ରଧାନମନ୍ତ୍ରୀ ହେବା ଠାରୁ ମୋଦିଙ୍କର ଏହା ଅଷ୍ଟମ ଜାପାନ ଗସ୍ତ। ଜାପାନ ଓ ଚୀନ୍ ପାଇଁ ଗତକାଲି ନୂଆଦିଲ୍ଲୀରୁ ଉଡ଼ାଣ ଭରିଥିଲେ ପ୍ରଧାନମନ୍ତ୍ରୀ ମୋଦି । ଭାରତ ଛାଡ଼ିବା ପୂର୍ବରୁ ପିଏମ୍ ମୋଦି ନିଜ ବିବୃତ୍ତିରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ନିମନ୍ତ୍ରଣରେ ମୁଁ ୧୫ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଦୁଇ ଦିନିଆ



ଜାପାନ ଗସ୍ତରେ ଯାଉଛି। ଏହି ଗସ୍ତ ସମୟରେ, ଆମେ ଆମର ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱସ୍ତରୀୟ ସହଭାଗୀତାକୁ ଦୃଢ଼ କରିବା ଉପରେ ଧ୍ୟାନ ଦେବୁ, ଯାହା ଗତ ଏଗାର ବର୍ଷ ମଧ୍ୟରେ ନିରନ୍ତର ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହାସଲ କରିଛି। ଆମେ ଆମର ସହଯୋଗକୁ ନୂତନ ଉଚ୍ଚତାକୁ ନେଇଯିବୁ, ଅର୍ଥନୈତିକ ଏବଂ ନିବେଶ ସମ୍ପର୍କର ପରିସର ଏବଂ ମହତ୍ୱାକାଂକ୍ଷାକୁ ବିସ୍ତାର କରିବାକୁ ଚେଷ୍ଟା କରିବୁ, ଏବଂ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଏବଂ ସେମିକଣ୍ଡକ୍ଟର ସମେତ ନୂତନ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ସହଯୋଗକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରିବୁ। ଏହି ଗସ୍ତ ଆମର ସଭ୍ୟତାଗତ ବନ୍ଧନ ଏବଂ ଆମର ଲୋକଙ୍କୁ ସଂଯୋଗ କରୁଥିବା ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିବାର ଏକ ସୁଯୋଗ ମଧ୍ୟ ହେବ। ଜାପାନ ପରେ ମୁଁ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ନିମନ୍ତ୍ରଣକ୍ରମେ ତିଆନଜିନରେ ସାଂଘାଇ ସହଯୋଗ ସଂଗଠନ ବା ଏସସିଓ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ଯାତ୍ରା କରିବି। ଭାରତ ଏସସିଓର ଏକ ସକ୍ରିୟ ସଦସ୍ୟ। ଆମର ଅଧ୍ୟକ୍ଷତା ସମୟରେ, ଆମେ ନବସୃଜନ, ସ୍ୱାସ୍ଥ୍ୟ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ନୂତନ ଚିନ୍ତାଧାରା ପ୍ରଣୟନ କରିଥିଲୁ ଏବଂ ସହଯୋଗ ଆରମ୍ଭ କରିଥିଲୁ। ଭାରତ ଏସସିଓ ସଦସ୍ୟମାନଙ୍କ ସହିତ ମିଳିତ ଚ୍ୟାଲେଞ୍ଜର ମୁକାବିଲା ଏବଂ ଆଞ୍ଚଳିକ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ପ୍ରତିବଦ୍ଧ। ମୁଁ ଶିଖର ସମ୍ମିଳନୀ ସମୟରେ ରାଷ୍ଟ୍ରପତି ସି ଜିନପିଙ୍ଗ, ରାଷ୍ଟ୍ରପତି ପୁଟିନ ଏବଂ ଅନ୍ୟାନ୍ୟ ନେତାମାନଙ୍କୁ ଭେଟିବାକୁ ମଧ୍ୟ ଅପେକ୍ଷା କରିଛି।

## ଭାରତୀୟ ଟଙ୍କା ଡଲାର ତୁଳନାରେ ସର୍ବନିମ୍ନ ସ୍ତରକୁ ଖସିଲା



ନୂଆଦିଲ୍ଲୀ,୨୯/୮ : ଟଙ୍କାର ଏହି ହ୍ରାସର କାରଣ ଆମେରିକା ଦ୍ୱାରା ଲଗାଯାଇଥିବା ୫୦ ପ୍ରତିଶତ ଟାରିଫ ବୋଲି ମନେ କରାଯାଉଛି। ଅଗଷ୍ଟ ୨୯ ତାରିଖ ମଧ୍ୟାହ୍ନରେ ଭାରତୀୟ ଟଙ୍କା ରେକର୍ଡ ନିମ୍ନ ସ୍ତରକୁ ଖସିଗଲା। ଟଙ୍କା ୮୭.୬୯୬୩ରେ ଖୋଲିଥିଲା କିନ୍ତୁ ଡଲାର ତୁଳନାରେ ଖସି ୮୮.୧୦୦୦ ପର୍ଯ୍ୟନ୍ତ ପହଞ୍ଚିଗଲା। ଟଙ୍କା ଦୀର୍ଘ ସମୟ ଧରି ଦୁର୍ବଳ ହେଉଥିଲା, କିନ୍ତୁ ଏବେ ହ୍ରାସର କାରଣ ଆମେରିକା ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ଲଗାଯାଇଥିବା ୫୦% ଟାରିଫ (ଶୁଳ୍କ) ବୋଲି ମନେ କରାଯାଉଛି। ଟଙ୍କା ଆରମ୍ଭରେ ହିଁ ୬ ପଇସା ଦୁର୍ବଳ ହୋଇ ଖୋଲିଥିଲା । କାରଣ ଡଲାର ଇଣ୍ଡେକ୍ସରେ ତୀବ୍ରତା ଦେଖାଦେଇଥିଲା। ବିଦେଶୀ ନିବେଶକମାନଙ୍କର ସେୟାର ବଜାରରେ ବିକ୍ରି ଏବଂ ଆମେରିକୀୟ ଟାରିଫର ଅର୍ଥନୈତିକ ପ୍ରଭାବ ମଧ୍ୟ ଟଙ୍କା ଉପରେ ଚାପ ସୃଷ୍ଟି କରିଥିଲା। ଗତ ଚାରି ମାସରେ ଭାରତୀୟ ଟଙ୍କା ଚୀନର ୟୁଆନ ତୁଳନାରେ ମଧ୍ୟ ପ୍ରାୟ ୬% ଦୁର୍ବଳ ହୋଇଛି। ଅଗଷ୍ଟ ୨୯ ତାରିଖରେ ଟଙ୍କା ଅଫଶୋର ୟୁଆନ ତୁଳନାରେ ୧୨.୩୩୦୭ ପର୍ଯ୍ୟନ୍ତ ଖସିଗଲା। ଏହିପରି ସାପ୍ତାହିକ ହ୍ରାସ ୧.୨% ଏବଂ ମାସିକ ହ୍ରାସ ୧.୬% ହୋଇଛି। ଏହା ଆମେରିକା ଦ୍ୱାରା ଭାରତ ଏବଂ ଚୀନ ଉପରେ ଲଗାଯାଇଥିବା ଭିନ୍ନ ଭିନ୍ନ ଟାରିଫର ପ୍ରଭାବକୁ ମଧ୍ୟ ଦର୍ଶାଉଛି ବୋଲି କୁହାଯାଉଛି। ଟଙ୍କା ୟୁଆନ ତୁଳନାରେ ଦୁର୍ବଳ ହେବା ଦ୍ୱାରା ଭାରତର ସାମଗ୍ରୀ ଚୀନ ସାମଗ୍ରୀ ତୁଳନାରେ ଶସ୍ତା ହୋଇପାରେ। ଏହା ଆମେରିକାର ଉଚ୍ଚ ଟାରିଫର ପ୍ରଭାବକୁ କିଛି ପରିମାଣରେ ହ୍ରାସ କରିପାରେ। ଏହା ସହିତ, ଏହା ଭାରତର ଚୀନ ସହିତ ଥିବା ବଡ଼ ବାଣିଜ୍ୟ ନିଅଣ୍ଟ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିପାରେ। ଭାରତୀୟ ଟଙ୍କାରେ ଏହି ରେକର୍ଡ ହ୍ରାସ ଠିକ୍ ଗୋଟିଏ ଦିନ ପୂର୍ବରୁ ଆମେରିକୀୟ

▶▶ପୃଷ୍ଠା ୭

## ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପ୍: ସ୍ୱପ୍ନ ପୂରଣ ପାଇଁ ରାଜ୍ୟ ସରକାରଙ୍କ କସରତ

ଭୁବନେଶ୍ୱର, ୨୯/୮ (ନି.ପ୍ର): ଇଣ୍ଡିଆନ ଚ୍ୟାମ୍ବର ଅଫ କମର୍ସ-ଆଇସିସି ଏବଂ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ 'ବିକଶିତ ଓଡ଼ିଶା ସମ୍ମିଳନୀ' । ଭୁବନେଶ୍ୱରର ଏକ ତାରକା ହୋଟେଲରେ ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା ଉପରେ ହୋଇଛି ଆଲୋଚନା ଚକ୍ର। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ

▶▶ପୃଷ୍ଠା ୭



## ପାଣ୍ଡିଆନଙ୍କ ବିରୋଧରେ ମେଳି କଲେଣି ବିଜେଡିର ବହୁ ଛାତ୍ରନେତା

ଭୁବନେଶ୍ୱର, ୨୯/୮ (ନି.ପ୍ର): ଯୁବ ଛାତ୍ର ସଭାପତି ଘୋଷଣା ପରେ ବିଜେଡିରେ ବିଦ୍ରୋହ । ଭୁବନେଶ୍ୱରରେ ମେଳି କଲେ ବିଜୁ ଛାତ୍ର ଜନତା ଦଳର ଅନେକ ଛାତ୍ର ନେତା। ନବନିଯୁକ୍ତ ଛାତ୍ର ସଭାନେତ୍ରୀଙ୍କ ବିରୁଦ୍ଧରେ ମେଳି ବାନ୍ଧିଛନ୍ତି ଦଳର ଏକାଧିକ ଛାତ୍ର ନେତା । ଛାତ୍ର ସଭାପତି ଚୟନରେ ଏକ ପାଖିଆ ନିଷ୍ପତ୍ତି ହୋଇଥିବା ଅଭିଯୋଗ । ପାଣ୍ଡିଆନଙ୍କ କୋଟେରୀ ଗ୍ରୁପକୁ ପ୍ରାଧାନ୍ୟ ମିଳୁଥିବା ଅଭିଯୋଗ ହେଉଥିବା ସୂଚନା ମିଳିଛି । ତାକୁ ବିରୋଧ କରି ଭୁବନେଶ୍ୱରରେ ମେଳି କରିଛନ୍ତି ବିଜେଡି ଛାତ୍ର ସଂଗଠନର ନେତୃବୃନ୍ଦ । ତେବେ ଏନେଇ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ଉଲ୍ଲେଖଯୋଗ୍ୟ, ଗତ ମଙ୍ଗଳବାର (୨୬ ଅଗଷ୍ଟ, ୨୦୨୫) ଦିନ ବିଜୁ ଜନତା ଦଳ (ବିଜେଡି) ଏହାର ଯୁବ ଏବଂ ଛାତ୍ର ଶାଖାକୁ ସୁଦୃଢ଼ କରିବା ପାଇଁ ନୂତନ ନିଯୁକ୍ତି ଘୋଷଣା କରିଥିଲା। ଇପ୍ସିତା ସାହୁଙ୍କୁ ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ସଭାପତି ଭାବରେ ନିଯୁକ୍ତ କରାଯାଇଛି । ସେହିଭଳି ନୂତନ ବିସିଜେଡି ଦଳରେ

▶▶ପୃଷ୍ଠା ୭



## ସେପ୍ଟେମ୍ବର ୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୨୯/୮ (ନି.ପ୍ର): ଆଗାମୀ ସେପ୍ଟେମ୍ବର ୧ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ସେପ୍ଟେମ୍ବର ୧ ତାରିଖ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ଅଗଷ୍ଟ ୩୧ରେ ନୂଆ ମ୍ୟୁନିସପାଲଟି ଓ ଏନଏସି ଘୋଷଣା

ଭୁବନେଶ୍ୱର, ୨୯/୮ (ନି.ପ୍ର): ଆସନ୍ତା ଅଗଷ୍ଟ ୩୧ରେ ନୂଆ ମ୍ୟୁନିସପାଲଟି ଓ ଏନଏସି ଘୋଷଣା ହେବ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ଘୋଷଣା କରିଛନ୍ତି। ଏହାସହ ସରକାର ରାଜ୍ୟରେ ସହରୀକରଣ ବୃଦ୍ଧି କରିବେ। ରାଜ୍ୟରେ ସହରୀକରଣ ୧୭%ରୁ ୪୦%କୁ ବୃଦ୍ଧି ହେବ ବୋଲି ମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱରର ଡ୍ରେନ ଓ ପାଣି ସମସ୍ୟା ଦୂର କରିବା ପାଇଁ ପ୍ରସ୍ତୁତ ହେଉଛି ନୂଆ ପ୍ଲାନ। ରାଜ୍ୟରେ ପ୍ରମୁଖ ସହର ଗୁଡିକୁ ଏନଏସିରେ ସାମିଲ କରାଯିବ। ସେଥିପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ସହର ବୃଦ୍ଧି ସହ ସହରର ବିକାଶ କରାଯିବ। ଭୁବନେଶ୍ୱରରେ ବସ୍ତି ବୃଦ୍ଧି ଘଟୁଛି। ତାର କାରଣ କଣ ତାହା ତର୍ଜମାର ଆବଶ୍ୟ। ସେଥିପାଇଁ ବସ୍ତି ଲୋକଙ୍କୁ କେମିତି ଶୀଘ୍ର ଘର ଦିଆଯିବ ଏବଂ ସେମାନଙ୍କ ଯୋଗ୍ୟତା ଅଛି ସେମାନେ ଘର କିଣିପାରିବେ। ୧୪ ଲକ୍ଷରୁ ୫୦ ଲକ୍ଷ ଭିତରେ ଘର ଦେବାକୁ ସରକାର ପ୍ରସ୍ତୁତ କରିଛନ୍ତି। ପ୍ରଥମେ ୯୦ ଟି ଘର ଦିଆଯିବ।ବଡ଼ବଡ଼ ସହରର ବିକାଶ ପାଇଁ ଟିପି ପ୍ରସ୍ତୁତ ସରିଛି।

## ସରିନି ବନ୍ୟା, ପଛକୁ ପଛ ଆସୁଛି ଯୋଡ଼ା ଲଘୁଚାପ : ବଢ଼ିବ ବର୍ଷା

ଭୁବନେଶ୍ୱର, ୨୯/୮ (ନି.ପ୍ର): ଏଯାଏଁ ବନ୍ୟା ଦାଉରୁ ରକ୍ଷା ପାଇନି ଉତ୍ତର ଓଡ଼ିଶା । ଦକ୍ଷିଣ ଓଡ଼ିଶାରେ ଏବେବି ଗାଜୁଛି ତୁହାକୁ ତୁହା ବର୍ଷା । ଏପଟେ ପୁଣି ଆସିଲାଣି ପଛକୁ ପଛ ଲଘୁଚାପ । ସେପ୍ଟେମ୍ବର ୩ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର । ଫଳରେ ବଢ଼ିବ ବର୍ଷାର ପରିମାଣ । ବନ୍ୟା ଯୋଗୁ ଲୋକଙ୍କ ସ୍ଥିତି ସଙ୍ଗିନ ହୋଇପଡିଛି । ତେବେ ବନ୍ୟା ଯୋଗୁଁ ଲୋକେ ଅସୁବିଧା ଭୋଗୁଥିବା ବେଳେ ପୁଣି ଏକ ଲଘୁଚାପ ଚିନ୍ତା ବଢ଼ାଇଛି । ଆସୁଛି ଆଉ ଦୁଇଟି ଲଘୁଚାପ । ସେପ୍ଟେମ୍ବର ପହିଲାରୁ ବର୍ଷା ପରିମାଣ ବଢ଼ିବ । ଆଗକୁ ପଛକୁ ପଛ ଦୁଇଟି ଲଘୁଚାପ ଆସୁଥିବା ବେଳେ ଗୋଟିଏ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଓ ଆଉ ଗୋଟିଏ ଦ୍ୱିତୀୟ ସପ୍ତାହରେ ରହିଛି । ସେହିଭଳି ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ଦୁଇ ସପ୍ତାହ ପାଇଁ ବିସ୍ତାରିତ ପାଣିପାଗର ପୂର୍ବାନୁମାନ ଜାରି ହୋଇଛି ।

▶▶ପୃଷ୍ଠା ୭

## ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଓଡ଼ିଶାରୁ ରୋଡମ୍ୟାପ: ପ୍ରଥମଥର ପାଇଁ ଦିଲ୍ଲୀ ବାହାରେ ବସିଲା ଏସସି-ଏସଟି ଜାତୀୟ ସମ୍ମିଳନୀ

ନୂଆଦିଲ୍ଲୀ,୨୯/୮ : ଓଡ଼ିଶାରେ ଆରମ୍ଭ ହୋଇଛି ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀ । ବିଭିନ୍ନ ରାଜ୍ୟରୁ ଆସିଥିବା ୨୪୦ ଜଣ ପ୍ରତିନିଧି ସମ୍ମିଳନୀରେ ସାମିଲ ହୋଇ ଜନଜାତିଙ୍କ ବିକାଶ ପାଇଁ ମତ ରଖିଛନ୍ତି । ହେଲେ ଜନଜାତିଙ୍କ ବିକାଶ ହେବ କେମିତି ? ଯେତେବେଳେ ଏସସି ଏସଟି ବର୍ଗଙ୍କ ପାଇଁ ହେଉଥିବା ଯୋଜନା ବାବଦରେ ଜାଣୁନାହାନ୍ତି ଜନପ୍ରତିନିଧି । ଅନୁସୂଚିତ ଜାତି ଓ ଜନଜାତି ବର୍ଗର ସାମଜିକ, ଆର୍ଥିକ ବିକାଶ ପାଇଁ ଅଣ୍ଟା ଭିଡ଼ିଛନ୍ତି ଡବଲ ଇଞ୍ଜିନ ସରକାର । ପ୍ରଥମଥର ପାଇଁ ଓଡ଼ିଶାରେ ହେଉଥିବା ଏସସି ଏସଟି ଜାତୀୟ ସମ୍ମିଳନୀରେ ଏନେଇ ନୀଳନକ୍ସା ପ୍ରସ୍ତୁତ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀର ଉଦଘାଟନ କରିବା ସହ ଯେଉଁ ଦିଗକୁ ସାମ୍ନାକୁ ଆଣିଛନ୍ତି ତାହା ବେଶ ଉଦବେଗଜନକ । କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତି ପାଇଁ ଆବଣ୍ଟିତ ବଜେଟ୍ କାର୍ଯ୍ୟକାରୀ ହେଉନି । ତୃଣମୂଳସ୍ତରରେ ବିଧାୟକ ଓ ସାଂସଦ ଯୋଜନା ବାବଦରେ ଜାଣୁନାହାନ୍ତି । ଯାହା ଜନପ୍ରତିନିଧିଙ୍କ କାର୍ଯ୍ୟଶୈଳୀକୁ ପ୍ରଶ୍ନଘେରରେ ଛିଡ଼ା କରିଛି । ଓଡ଼ିଶାରେ ଥିବା ୨୪ ପ୍ରତିଶତ ଜନଜାତିଙ୍କର ବିକାଶ ନହେଲେ ଓଡ଼ିଶାର ବିକାଶ ଅସମ୍ଭବ । ଯାହାକୁ ଅନୁଭବ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

▶▶ପୃଷ୍ଠା ୭

## ଭାରତୀୟ ଅର୍ଥନୀତିରେ ଉଲ୍ଲେଖନୀୟ ଅଭିବୃଦ୍ଧି : ପ୍ରଥମ ତ୍ରୈମାସିକ ଜିଡିପିରେ ୭.୮% ବୃଦ୍ଧି

ନୂଆଦିଲ୍ଲୀ,୨୯।୮: ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ନୀତି ସାରା ବିଶ୍ୱକୁ କରୁଥିବା ବେଳେ ଭାରତର ଅର୍ଥନୀତି ଏହାଦ୍ୱାରା ମୋଟେ ପ୍ରଭାବିତ ହୋଇନାହିଁ। ଟ୍ରମ୍ପ ଭାରତକୁ 'ଡେଡ ଇକୋନୋମୀ' ବୋଲି କହିଥିଲେ, କିନ୍ତୁ ଚଳିତ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ)ରେ ଭାରତର ଜିଡିପି(ସକଳ ଘରୋଇ ଉତ୍ପାଦ) ବୃଦ୍ଧି ହାର ୭.୮%ରେ ପହଞ୍ଚି ସମସ୍ତ ଆକଳନକୁ ଅତିକ୍ରମ କରିଛି। ଶୁକ୍ରବାର ଜାରି ହୋଇଥିବା ସରକାରୀ ତଥ୍ୟ ଅନୁସାରେ, ମୁଖ୍ୟତଃ କୃଷି କ୍ଷେତ୍ରର ଉନ୍ନତ ପ୍ରଦର୍ଶନ ଯୋଗୁଁ ଏହି ବୃଦ୍ଧି ହାସଲ ହୋଇଛି। ଏହା ସହିତ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ପ୍ରମୁଖ ଅର୍ଥନୀତି ଭାବେ ନିଜର ସ୍ଥାନ ବଜାୟ ରଖିଛି, ଯେହେତୁ ଏହି ତ୍ରୈମାସିକରେ ଚାଇନାର ଜିଡିପି ବୃଦ୍ଧି ହାର ମାତ୍ର ୫.୨% ଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ତଥ୍ୟ ଅନୁସାରେ, ଏହା ପୂର୍ବରୁ ସର୍ବୋଚ୍ଚ ଜିଡିପି ବୃଦ୍ଧି ୨୦୨୪ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୮.୪% ଥିଲା। ଚଳିତ ବର୍ଷର ଏପ୍ରିଲ-ଜୁନ ତ୍ରୈମାସିକରେ କୃଷି କ୍ଷେତ୍ରରେ ୩.୭% ବୃଦ୍ଧି ହାସଲ ହୋଇଛି, ଯାହା ୨୦୨୪-୨୫ର ଏହି ତ୍ରୈମାସିକରେ ମାତ୍ର ୧.୫% ଥିଲା। ଏହା ସହିତ ଉତ୍ପାଦନ କ୍ଷେତ୍ରର ବୃଦ୍ଧି ହାର ୭.୭%କୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ଏହି ତ୍ରୈମାସିକରେ ୭.୬% ଥିଲା। ଜିଡିପି ତଥ୍ୟର ସଂକ୍ଷିପ୍ତ ବିବରଣୀ। ସରକାରୀ ତଥ୍ୟ ଅନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ରିଅଲ ଜିଡିପି (ସ୍ଥିର ମୂଲ୍ୟରେ) ୪୭.୮୯ ଲକ୍ଷ କୋଟି ଟଙ୍କା ହେବାର ଅନୁମାନ କରାଯାଇଛି, ଯାହା ୨୦୨୪-୨୫ର ପ୍ରଥମ ତ୍ରୈମାସିକରେ ୪୪.୪୨ ଲକ୍ଷ କୋଟି ଟଙ୍କା ଥିଲା। ଏହା ୭.୮% ବୃଦ୍ଧି ଦର୍ଶାଏ। ଏହା ସହିତ, ନାମମାତ୍ର ଜିଡିପି (ଚଳିତ ମୂଲ୍ୟରେ) ୮୬.୦୫ ଲକ୍ଷ କୋଟି ଟଙ୍କା ହେବାର ଅନୁମାନ, ଯାହା ୨୦୨୪-୨୫ରେ ୭୯.୦୮ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୮.୮% ବୃଦ୍ଧି ଦର୍ଶାଏ। କେଉଁ କ୍ଷେତ୍ରରେ କେତେ ବୃଦ୍ଧି। ପ୍ରାଥମିକ କ୍ଷେତ୍ର (କୃଷି ଓ ଖଣି ସମେତ): ୨.୮% ବୃଦ୍ଧି, ଯାହା ୨୦୨୪-୨୫ରେ ୨.୨% ଥିଲା। କୃଷି କ୍ଷେତ୍ର: ୨୦୨୫-୨୬ରେ ୩.୭% ବୃଦ୍ଧି, ଗତ ବର୍ଷ ୧.୫% ଥିଲା। ଖଣି କ୍ଷେତ୍ର: ୩.୧% ହ୍ରାସ, ଗତ ବର୍ଷ ୬.୬% ବୃଦ୍ଧି ଥିଲା। ଦ୍ୱିତୀୟକ କ୍ଷେତ୍ର (ଉତ୍ପାଦନ ଓ ବିଦ୍ୟୁତ୍ ସମେତ): ୭% ବୃଦ୍ଧି, ଗତ ବର୍ଷ ୮.୬% ଥିଲା। ଉତ୍ପାଦନ କ୍ଷେତ୍ର: ୭.୭% ବୃଦ୍ଧି, ଗତ ବର୍ଷ ୭.୬% ଥିଲା। ତୃତୀୟକ କ୍ଷେତ୍ର (ସେବା କ୍ଷେତ୍ର): ୯.୩% ବୃଦ୍ଧି। ବ୍ୟବସାୟ, ହୋଟେଲ, ପରିବହନ, ଯୋଗାଯୋଗ ଓ ପ୍ରସାରଣ: ୮.୬% ବୃଦ୍ଧି, ଗତ ବର୍ଷ ୫.୪% ଥିଲା। ଆର୍ଥିକ, ରିଅଲ ଏଷ୍ଟେଟ ଓ ପ୍ରଫେସନାଲ ସେବା: ୯.୫% ବୃଦ୍ଧି, ଗତ ବର୍ଷ ୬.୬% ଥିଲା। ସାର୍ବଜନୀକ ପ୍ରଶାସନ ଓ ପ୍ରତିରକ୍ଷା: ୯.୮% ବୃଦ୍ଧି, ଗତ ବର୍ଷ

▶▶ପୃଷ୍ଠା ୭

## କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉପରେ ମହୁଆ ମୈତ୍ରଙ୍କ ବିବାଦୀୟ ବୟାନ



ନୂଆଦିଲ୍ଲୀ,୨୯/୮ : ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ପୁଣି ବିବାଦରେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ଏକ ଆପତିଜନକ ବୟାନ ଦେଇଛନ୍ତି । ମହୁଆ କହିଛନ୍ତି, ଶାହା ପଶ୍ଚିମରେ ଅବୈଧ ଅନୁପ୍ରବେଶ ରୋକିବାରେ ବିଫଳ ହୋଇଛନ୍ତି । ତେଣୁ ଗୃହମନ୍ତ୍ରୀଙ୍କ ମୁଣ୍ଡ କାଟି ପ୍ରଧାନମନ୍ତ୍ରୀଙ୍କ ଟେବୁଲରେ ରଖିବା ଉଚିତ । ଏହି ବୟାନ ବହୁତ ବିବାଦୀୟ

▶▶ପୃଷ୍ଠା ୭

# ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକାରୀ ହେଲା ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱର ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ, ନନ୍-ଇନଭେସିଭ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି, ଔଷଧ ପ୍ରତିରୋଧୀ ଏବଂ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବା। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବ୍ୟବସ୍ଥାକୁ ଉଦ୍ଘାଟନ କରିଥିଲେ। ଏହି ନ୍ୟୁରୋମଡ୍ୟୁଲେସନ୍ କେନ୍ଦ୍ରର ଶୁଭାରମ୍ଭ ଏମ୍ସ ଭୁବନେଶ୍ୱର ପାଇଁ ଏକ ବିଶେଷ ସଫଳତା। ଏହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଲୋକଙ୍କ ପାଇଁ ସର୍ବଶେଷ ଏବଂ ପ୍ରଭାବଶାଳୀ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଆଣିଛି। ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ସଫଳତାର ସହିତ ପ୍ରତିଫଳିତ କରିବା ନେଇ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ।

କାର୍ଯ୍ୟକାରୀ ହୋଇଥିବା ନୂତନ କେନ୍ଦ୍ରଟି ଉନ୍ନତ ନ୍ୟୁରୋମଡ୍ୟୁଲେସନ୍ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଯେଉଁଥିରେ ରିପିଟିଟିଭ୍ ଟ୍ରାନ୍ସକ୍ରାନିଏଲ୍ ମ୍ୟାଗ୍ନେଟିକ୍ ଷ୍ଟିମୁଲେସନ୍ (ଆର୍ଟିଏମଏସ) ୟୁନିଟ୍, ଅଲ୍ଟ୍ରା-ବ୍ରିଫ୍ ପଲ୍ସ ଇସିଟି ୟୁନିଟ୍ ଏବଂ ଟ୍ରାନ୍ସକ୍ରାନିଏଲ୍ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍ (ଟିଇଏସ୍) ଅନ୍ତର୍ଭୁକ୍ତ। ଏହି ନନ୍-ଇନଭେସିଭ କୌଶଳଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରେନ୍ ସର୍କିଟରେ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରି କାର୍ଯ୍ୟ କରେ। ଏହି କେନ୍ଦ୍ର ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି, ମାଦକ କିମ୍ବା ନିଶା ଦ୍ରବ୍ୟ ସେବନଜନିତ ବ୍ୟାଧି ଏବଂ ନ୍ୟୁରୋସାଇକିଆଟ୍ରିକ୍ ଅବସ୍ଥା ପାଇଁ ବିଶେଷ ଚିକିତ୍ସା ପ୍ରଦାନ କରିବ। କେବଳ ମସ୍ତିଷ୍କର ପ୍ରଭାବିତ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ, ଏହି ଚିକିତ୍ସା ପ୍ରଣାଳୀ ପାରମ୍ପରିକ ଚିକିତ୍ସା ପଦ୍ଧତି ଅପେକ୍ଷା ଅଧିକ ସଠିକ୍ ଏବଂ ଗ୍ରହଣୀୟ ବିକଳ୍ପ ପ୍ରଦାନ କରେ। ଯାହା ଦ୍ରୁତ ଆରୋଗ୍ୟ ଏବଂ ଉତ୍ତମ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ଉଦ୍ଘାଟନ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ ଏବଂ ଅଧ୍ୟାପକମାନଙ୍କ ସମେତ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢ଼ୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁନ୍ଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିଭିନ୍ନ ମାନସିକ ବ୍ୟାଧିରୁ ଆରାମ ପାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ହେବା ସହିତ ଏକ ନୂତନ ସମ୍ଭାବନା ପ୍ରଦାନ କରିବା ନେଇ ଆଶାବ୍ୟକ୍ତ କରିଛନ୍ତି ବିଭାଗୀୟ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର।

ଏମ୍ସ ଭୁବନେଶ୍ୱରରେ ଏହି ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହେବା ସହିତ, ପୂର୍ବ ଭାରତରେ ଉପଲବ୍ଧ ମାନସିକ ଚିକିତ୍ସାର ଗୁଣବତ୍ତା ଏବଂ ପରିସରକୁ ବୃଦ୍ଧି କରି କ୍ଲିନିକାଲ୍ ଯତ୍ନ ଏବଂ ଗବେଷଣା ଭଳି ଉଭୟ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ ପାଇଛି।

# କ୍ରୀଡା ଶିକ୍ଷାର ଏକ ବିଶେଷ ଅଙ୍ଗ: ୧୪ ଜଣ ଜାତୀୟ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୨୯/୦୮ (ନି.ପ୍ର): ପ୍ରାଚୀନ କାଳରୁ କ୍ରୀଡା କୌଶଳର ବ୍ୟବସ୍ଥା ରହିଆସିଛି। କ୍ରୀଡା ଆମ ଜୀବନକୁ ସମୃଦ୍ଧ କରିଥାଏ। ଭଲ ଖେଳାଳୀ ଦେଶର ଗର୍ବ ଓ ଗୌରବ। କ୍ରୀଡା ମାନବ ସଭ୍ୟତାର ଏକ ଅତ୍ୟାବଶ୍ୟକୀୟ ଅଂଶ। ଶାରୀରିକ ସୁସ୍ଥତା ମନୋରଞ୍ଜନରେ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଛାତ୍ର ଜୀବନରେ କ୍ରୀଡା ଆହୁରି ଅଧିକ ଗୁରୁତ୍ୱ ବହନ କରିଥାଏ। ଛାତ୍ରର ବ୍ୟକ୍ତିତ୍ୱ ଓ ଚରିତ୍ରର ସାମଗ୍ରିକ ବିକାଶରେ ଏହାର ଅବଦାନ ରଖେ। କ୍ରୀଡା ଶିକ୍ଷାର ଏକ ବିଶେଷ ଅଙ୍ଗ। ଏଥିପାଇଁ କ୍ରୀଡାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି ସରକାର। କ୍ରୀଡାର ବିକାଶ ନିମନ୍ତେ ବିପୁଳ ଅର୍ଥ ବ୍ୟୟ କରାଯାଉଛି। ଏହି ସନ୍ତୁଳିତ ଶିକ୍ଷାରେ ଶିକ୍ଷା ଓ କ୍ରୀଡା ଉଭୟ ଅନ୍ତର୍ଭୁକ୍ତ। କାରଣ ଉଭୟ ଜଣେ ବ୍ୟକ୍ତିତ୍ୱ ସଂପୂର୍ଣ୍ଣ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ଭଦ୍ରକ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି। ଜିଲାପାଳ ଶ୍ରୀ ରାଉତରାଏ ଜାତୀୟ କ୍ରୀଡା ଉତ୍ସବରେ ଶପଥ ପାଠ କରି ଜିଲ୍ଲାର ୧୪ ଜଣ ଜାତୀୟ ସ୍ତରର ମନୋନିତ ହୋଇଥିବା ପୁଅ ଓ ଝିଅ କ୍ରୀଡାବିତ୍ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଶ୍ୟାମଳ ରାୟ , ଓ ଏସ୍ ଡି ରମେଶ ମହାନ୍ତି, ଜିଲ୍ଲା ଏଥେଲେଟିକ ଆସୋସିଏସନ ର ଯୁଗ୍ମ ସମ୍ପାଦକ ଅତିଶ ବେହେରା ପ୍ରମୁଖ ଯୋଗ ଦେଇ କ୍ରୀଡାର ଭିତି ଭୂମି ବିକାଶ ହେବା, ହକି ଯାଦୁକର ମେଜର ଧ୍ୟାନ ଚାନ୍ଦ ଙ୍କ କ୍ରୀଡା ପ୍ରତି ନିଷ୍ଠା ଆଦର୍ଶକୁ ମନେପକାଇ ଅନ୍ତର୍ନିହିତ କ୍ରୀଡା ପ୍ରତିଭାକୁ ଜାଗ୍ରତ କରିବା, କ୍ରୀଡା ବିତ୍ ଓ ପ୍ରତିଭା ମାନଙ୍କୁ ରାଜ୍ୟ ଏବଂ ଜାତୀୟ ଆନ୍ତର୍ଜାତୀୟ ଶୀର୍ଷ ରେ ପହଂଚିବା ପାଇଁ ସମସ୍ତେ ଉଦ୍ୟମ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ଶତାଧିକ କ୍ରୀଡାବିତ୍ ଯୋଗ ଦେଇଥିଲେ।

# ନୂଆଖାଇ ଉପଲକ୍ଷେ କାଲସାଏପାଲିରେ ଫୁଟବଲ ମ୍ୟାଚ

ବଲାଙ୍ଗୀର, ୨୯/୦୮ (ନି.ପ୍ର): ଜନ କଲ୍ୟାଣ ଯୁବକ ସଂଘ କାଲସାଏ ପାଲି ତରଫରୁ ଖୁଜେନ ପାଲି ଖେଳ ପଡିଆ ଠାରେ ନୂଆଁଖାଇ ଉପଲକ୍ଷେ କାଲସାଏ ପାଲିର ବିବାହିତ ଓ ଅବିବାହିତଙ୍କ ମଧ୍ୟରେ ଏକ ମ୍ୟାଚ ଖେଳିଥିଲେ। ସବୁବର୍ଷ ପରି ଏଥର ମଧ କାଲସାଏ ପାଲି ଗ୍ରାମବାସୀ ନୂଆଁଖାଇ ସାରିଲା ପରେ ଯୁବ ଗୋଷ୍ଠୀ ମଧ୍ୟରେ ଭାଇଚାରା କେମିତି ବଜାୟ ରହିବ ସେଥିପାଇଁ ବିବାହିତ ଓ ଅବିବାହିତ ମଧ୍ୟରେ ଏକ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଏଥିରେ ଟ୍ରାଇବରେକର ଜରିଆରେ ଅବିବାହିତ ଦଳ ୦-୧ରେ ବିଜୟ ଲାଭ କରିଥିଲେ। ଖେଳକୁ ଗୋପିନାଥ କାଲସାଏ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୁବ ସଂଗଠକ ବିନୋଦ କାଲସାଏ, ସମ୍ମାନିତ ଅତିଥି ଭାବେ ପୂର୍ବତନ ୱାଡ଼ମେମ୍ବର ଦେବରାଜ କାଲସାଏ, ମହାଦେବ କାଲସାଏ ଯୋଗଦେଇ ଖେଲାଲିମାନଙ୍କୁ ଉତ୍ସାହିତ କରିଥିଲେ। କାଲସାଏ ପାଲିର ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହିତ ସହଯୋଗ କରିଥିଲେ।

# ପରିବେଶ ଅନୁକୂଳ ଗମନାଗମନକୁ ତ୍ୱରାନ୍ୱିତ କରୁଛି ଇ-ବସ୍

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶା ଦେଶର ପଂଚମ ସ୍ଥାନ ହାସଲ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ଏକ ମାଇଲଖୁଂଟ ହାସଲ କରିଛି। ବର୍ତମାନ ୪୫୦ ଟି ଇ-ବସ୍ ଚଳାଚଳ କରୁଥିବା ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବାକୁ ଯୋଜନା କରୁଥିବାରୁ, ସହରଗୁଡ଼ିକୁ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଯାତ୍ରୀ-ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ସହିତ ଦ୍ରୁତ ଗତିରେ ଆଗକୁ ବଢୁଛି।

ସମଗ୍ର ଦେଶରେ ବର୍ତମାନ ୧୪୩୨୯ ଟି ଇ-ବସ୍ ଚଳାଚଳ କରୁଛି, ଯେଉଁଥିରେ ଦିଲ୍ଲୀ (୩୫୬୪), ମହାରାଷ୍ଟ୍ର (୩୨୯୬), କର୍ଣ୍ଣାଟକ (୨୨୩୬) ଏବଂ ଉତର ପ୍ରଦେଶ (୮୫୦) ଅଗ୍ରଣୀ ରହିଛି। ଏହି ବଡ଼ ରାଜ୍ୟଗୁଡ଼ିକ ଠାରୁ ଠିକ୍ ପଛରେ ଥିବା ଓଡ଼ିଶା ସହରାଂଚଳରେ ପରିବେଶ ଅନୁକୂଳ ଗମନାଗମନ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଓଡ଼ିଶା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ (୩୯୧), ଆନ୍ଧ୍ର ପ୍ରଦେଶ (୨୩୮), ଛତିଶଗଡ଼ (୨୧୫) ଏବଂ ଝାଡ଼ଖଣ୍ଡ (୪୬) କୁ ଏ କ୍ଷେତ୍ରରେ ଢେର ପଛରେ ପକାଇଛି। କେନ୍ଦ୍ର ସରକାର ପିଏମ-ଇ ବସ୍ ସେବା ଏବଂ ପିଏମ-ଇ-ଡ୍ରାଇଭ୍ ଭଳି ଯୋଜନା ଅଧୀନରେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଓଡ଼ିଶାର ରାଜଧାନୀ ଅଂଚଳ ସହରାଂଚଳ ପରିବହନ (କ୍ରୁଟ୍) ଏହି ସହାୟତାର ଲାଭ ଉଠାଇବାରେ ସକ୍ରିୟ ରହିଛି, ଏବଂ ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୁଳକୁ "ଆମ ବସ" ସେବାର ସମ୍ପ୍ରସାରଣ ପାଇଁ ମଧ ପ୍ରସ୍ତୁତି ଚଳାଇଛି। "ଆମ ବସ" ସେବାର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କ୍ରୁଟ୍ ଡିପୋ ଏବଂ ଟର୍ମିନାଲରେ ଚାର୍ଜିଂ ଷ୍ଟେସନ ସ୍ଥାପନ କରାଯାଉଛି, ଯେତେବେଳେ କି କ୍ୟୁଆର-ଆଧାରିତ ପେମେଂଟ, ଏନସିଏମସି କାର୍ଡ ଏବଂ ଆପ୍-ସକ୍ଷମ ବୁକିଂ ସମେତ ସ୍ମାର୍ଟ ଟିକେଟ୍ ସିଷ୍ଟମ୍ ପ୍ରବର୍ତନ କରାଯାଉଛି। ଏହା ସହିତ, ସୁରକ୍ଷିତ, ବିଶ୍ୱସନୀୟ ଏବଂ ଯାତ୍ରୀ-କୈନ୍ଦ୍ରିକ ସେବା ପ୍ରଦାନ କରିବା ପାଇଁ କର୍ମଚାରୀମାନଙ୍କର ମାନଙ୍କର ତାଲିମ ଏବଂ ଦକ୍ଷତା ବୃଦ୍ଧି ଦିଗରେ ଉଦ୍ୟମ ଜାରିରହିଛି।

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶାର ସବୁଜ ଦୃଷ୍ଟିକୋଣ ଉପରେ ଆଲୋକପାତ କରି 'ଇ-ପରିବହନରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ଉଭୟ ପରିବେଶ ଏବଂ ଲୋକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କହିଛନ୍ତି। ଇ-ବସ ଗୁଡ଼ିକର ସମ୍ପ୍ରସାରଣ କେବଳ ଜ୍ଞାନକୌଶଳର ବିଷୟରେ ନୁହେଁ- ଏହା ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନଜନକ, ସୁଲଭ ଏବଂ ପରିବେଶ ଅନୁକୂଳ ଯାତ୍ରା ପ୍ରଦାନ କରିଥାଏ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମର ପ୍ରୟାସ ହେଉଛି ଆଗାମୀ ପିଢ଼ି ପାଇଁ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ସହରୀ କେନ୍ଦ୍ର ନିର୍ମାଣ କରିବା ବୋଲି କହିଛନ୍ତି।

ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ସମନ୍ୱିତ ଯୋଜନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଇ-ବସ୍ ସେବା ଓଡ଼ିଶାରେ ଆଧୁନିକ ସହରାଂଚଳ ପରିବହନର ମେରୁଦଣ୍ଡ ପାଲଟିଛି। ପ୍ରଯୁକ୍ତିବିଦ୍ୟା, ସ୍ମାର୍ଟ ଟିକେଟିଂ ଏବଂ ସବୁଜ ଭିତିଭୂମିର ମିଶ୍ରଣ ଦ୍ୱାରା ଆମେ ଗତିଶୀଳତାକୁ ଉଭୟ ସୁବିଧାଜନକ ଏବଂ ସ୍ଥାୟୀ କରୁଛୁ। ଯାତ୍ରୀମାନଙ୍କ ଉତ୍ସାହଜନକ ଆଗ୍ରହ ଦର୍ଶାଉଛି ଯେ ଓଡ଼ିଶା ସଠିକ୍ ଦିଗରେ ଏକ ଭବିଷ୍ୟତ ଆଡକୁ ଗତି କରୁଛି ଯେଉଁଠାରେ ସାର୍ବଜନୀନ ପରିବହନ ସେବା ହିଁ ପ୍ରଥମ ପସନ୍ଦ। ବର୍ତମାନ ଓଡ଼ିଶାରେ ଇ-ବସ୍ ମୁଖ୍ୟତଃ ଭୁବନେଶ୍ୱର, କଟକ ଏବଂ ପୁରୀର ଯାତ୍ରୀମାନଙ୍କୁ ସେବା ପ୍ରଦାନ କରୁଛି, ଯେଉଁଠାରେ ସୁଲଭ ଏସି ଯାତ୍ରା ନାଗରିକମାନଙ୍କୁ ଘରୋଇରୁ ସାର୍ବଜନୀନ ପରିବହନକୁ ସ୍ଥାନାନ୍ତର କରିବାକୁ ଉତ୍ସାହିତ କରିଛି। ଏହି ବର୍ଦ୍ଧିତ ସ୍ୱୀକୃତି ଦର୍ଶାଉଛି ଯେ କିପରି ସବୁଜ ପଦକ୍ଷେପ ଜନସାଧାରଣଙ୍କ ସୁବିଧା ଏବଂ ଆରାମ ସହିତ ମେଳ ଖାଇପାରିବ। ଯେହେତୁ ଓଡ଼ିଶା ଏହାର ଇ-ବସ୍ ଫ୍ଲିଟର ସମ୍ପ୍ରସାରଣ ଜାରି ରଖିଛି, ରାଜ୍ୟ ମଧ ନୀତି ଆୟୋଗର ୫୦,୦୦୦ ଇ-ବସ୍ ର ଜାତୀୟ ଲକ୍ଷ୍ୟ ସହିତ ମେଳ ଖାଉଛି, ଏହା ସୁନିଶ୍ଚିତ କରୁଛି ଯେ ଏହା ଭାରତର ଜଳବାୟୁ ପ୍ରତିବଦ୍ଧତାରେ ଯଥେଷ୍ଟ ଯୋଗଦାନ ଦେବା ସହିତ ଏହାର ବର୍ଦ୍ଧିତ ସହରାଂଚଳ ଜନସଂଖ୍ୟାର ପରିବହନ ଆବଶ୍ୟକତାକୁ ପୂରଣ କରିବ। ସି. ଆର ୟୁ. ଟି. ର ନିରନ୍ତର ପ୍ରୟାସ, ରାଜ୍ୟ ସରକାରଙ୍କ ଦୃଢ଼ ନୀତିଗତ ସମର୍ଥନ ଏବଂ କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶା ଭାରତରେ ସବୁଜ ଗମନାଗମନ ପାଇଁ ଏକ ଆଦର୍ଶ ରାଜ୍ୟ ହେବା ଦିଗରେ ଅଗ୍ରସର ହେଉଛି।

# ଆଜାଦ ଧୂଷୁରୀ ଓ ବରିଷ୍ଠ ନାଗରିକ ମଂଚ ପ୍ରତିଷ୍ଠା ଦିବସ

ଭଦ୍ରକ, ୨୯/୦୮ (ନି.ପ୍ର): ଆଜାଦ ଧୂଷୁରୀ ପ୍ରତିଷ୍ଠାର ୮୩ ତମ ସ୍ମାରକୀ ଦିବସ ଏବଂ ଧୂଷୁରୀ ବରିଷ୍ଠ ନାଗରିକ ମଂଚର ଅଷ୍ଟମ ବାର୍ଷିକ ଉତ୍ସବ ଗୁରୁବାର ପୂଜ୍ୟ ପୂଜା ସଂସଦ ପରିସର ରେ ପାଳିତ ହୋଇଯାଇଛି।ବରିଷ୍ଠ ନାଗରିକ ମଂଚର ସଭାପତି ବର୍ଷିଆନ କୃଷକ ନେତା ଚନ୍ଦ୍ରଶେଖର ନାୟକ ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ।ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥି ଏବଂ ବେଦ ପୀୟୂଷର ସମ୍ପାଦକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।ପ୍ରାକ ସ୍ୱାଧୀନତା ପୂର୍ବରୁ ୧୯୪୨ ମସିହା ଅଗଷ୍ଟ ୨୮ ତାରିଖ ଦିନ ବ୍ରିଟିଶ ଶାସନ ବିରୋଧରେ ସ୍ଥାନୀୟ ମୁକ୍ତିକାମୀ ଜନତା ମେଳି ହୋଇ ଧୂଷୁରୀ କୁ ଆଜାଦ ଘୋଷଣା କରିବା ଏମାଟିର ସ୍ୱାଧୀନ ଚିନ୍ତା ଓ ଚେତନାର ପ୍ରମାଣ ଯାହା ସ୍ମରଣୀୟ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ ଏବଂ ବରିଷ୍ଠ ନାଗରିକ ମାନେ ଆମ ସମାଜର ମାର୍ଗଦର୍ଶକ ଅଟନ୍ତି ବୋଲି କହିଥିଲେ।ବିଶିଷ୍ଟ ଅଭିନେତା ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ବରିଷ୍ଠ ନାଗରିକ ମଂଚର ଜିଲ୍ଲା ସଭାପତି ଲଲାଟେନ୍ଦୁ ମହାନ୍ତି,ଜିଲ୍ଲା ସମ୍ପାଦକ କୈଳାସ ମହାପାତ୍ର,ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ,ବରିଷ୍ଠ ବିଜେପି ନେତା ଚତୃଭୂଜ ନାୟକ,ସରପଂଚ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବର୍ଷିଆନ ଶିକ୍ଷାବିତ ବାବାଜୀ ଚରଣ ପଣ୍ଡା,ଅକ୍ଷୟ କୁମାର ଗୋସ୍ୱାମୀ ଓ ବିରେନ୍ଦ୍ର କୁମାର ଆରଣ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ ସଭା ସଂଚାଳନ କରିଥିଲେ।ପଣ୍ଡିତ ଧୀରେନ୍ଦ୍ର କୁମାର ପତିଶର୍ମା ବେଦପାଠ କରିଥିଲେ ଏବଂ ପଣ୍ଡିତ ନୃସିଂହ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଦୁର୍ଯ୍ୟୋଧନ ତରାଇ ବିବରଣୀ ପ୍ରଦାନ କରିଥିଲେ। କ୍ଷୀରୋଦ କୁମାର ଧଳ ଧନ୍ୟବାଦ ଦେଇଥିଲେ।

# ଅଗ୍ନିକାଣ୍ଡରେ ଦୁଇ ବଖରା ଘର ପୋଡି ପାଉଁଶ : ସହାୟତାର ହାତ ବଢାଇଲା ଅଂଶୁମାନ ଟ୍ରଷ୍ଟ

ଧର୍ମଶାଳା, ୨୯/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଚକ୍ରଧରପୁର ପଂଚାୟତସ୍ଥ କୁସୁନପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନୀକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି । ଗ୍ରାମର ଭାନୁପ୍ରତାପ ମଲ୍ଲିକଙ୍କ ୨ ବଖରା ପୋଡି ପାଉଁ ହୋଇଯାଇଛି । କୌଣସି କାରଣରୁ ବିଳମ୍ବିତ ରାତିରେ ଘରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ନିଆଁ ଲିଭାଇ ପାରି ନ ଥିଲେ । ଯାହାକୁ ନେଇ ଅଗ୍ନୀଶମ ବାହିନୀକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ଅଗ୍ନୀଶମ ବାହିନୀ ପଂହଚି ନିଆଁକୁ ଆୟତ କରିଥିଲେ ମଧ ସେତବେଳକୁ ଘରର ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଥିଲା । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପରାମର୍ଶ କ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ଅଗ୍ନୀ ବିପନ୍ନ ପରିବାର ନିକଟରେ ପଂହଚି ଅତ୍ୟାବଶ୍ୟକୀୟ ସାମଗ୍ରୀ, ଆର୍ଥୀକ ସହାୟତା ସହ ଜରି ପାଲ ଯୋଗାଇ ଦେଇଥିବା ଜଣାପଡିଛି ।

# ସମ୍ବଲପୁର ବାଲିବନ୍ଧାରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଉଦ୍‌ଘାଟିତ

ସମ୍ବଲପୁର/ଭୁବନେଶ୍ୱର, ୨୯/୦୮ (ନି.ପ୍ର): ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଦିବ୍ୟାଙ୍ଗଜନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପବିତ୍ର ନୂଆଁଖାଇ ଅବସରରେ ସମ୍ବଲପୁର ବାଲିବନ୍ଧାରେ ପ୍ରାୟ ୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' (ଏଆରସି) ଉଦଘାଟନ କରିଛନ୍ତି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆଁଖାଇ ଅବସରରେ ଉଦଘାଟିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଅର୍ଥସୋସ୍ ତଥା ଭିନ୍ନକ୍ଷମମାନଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆବଶ୍ୟକତାକୁ ପୂରଣ କରିବ । ଏହି କେନ୍ଦ୍ର ପ୍ରତିଷ୍ଠା କରିଥିବାରୁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନସନ ଓ ଦିବ୍ୟାଙ୍ଗଜନମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବିତରଣ କରିବା ସହ ଜିଲ୍ଲା ପ୍ରଶାସନକୁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ ଶିକ୍ଷା ମନ୍ତ୍ରୀ । ସେ କହିଥଲେ ଏହି ପୁନର୍ବାସ କେନ୍ଦ୍ରରେ ଅନେକ ଅତ୍ୟାଧୁନିକ ମେସିନ ବା ଉଚ୍ଚକୋଟୀର ଉପକରଣ ଅଛି । ଏହି ମେସିନର ପରିଚାଳନା ପାଇଁ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ମିଳିବା ଦରକାର । ଏହା ଉପରେ ଏକ କର୍ମଶାଳା ଆୟୋଜନ ହେବା ଦରକାର । ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ଆଗାମୀ ଦିନରେ ସମ୍ବଲପୁରରେ ସମସ୍ତ ଦିବ୍ୟାଙ୍ଗମାନଙ୍କ ତାଲିକା ପ୍ରସ୍ତୁତ କରାଯାଉ । ପ୍ରତିମାସରେ ବ୍ଲକ ସ୍ତରରେ ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟାଯିବା ସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ପାଠପଢାର ବ୍ୟବସ୍ଥା କରାଯାଉ । ବିଶେଷ ଭାବରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ କିଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ, ପାଠପଢି ଆଇଏଏସ ହୋଇପାରିବେ, ସେ ଦିଗରେ ଯୋଜନା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ସମାଜର ଭିନ୍ନକ୍ଷମ ପିଲାମାନଙ୍କୁ ପ୍ରଶିକ୍ଷଣ କରିବା ପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରିବାର ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ ।

ଉଲ୍ଲେଖନୀୟ ଯେ ଉଦଘାଟିତ ପୁନର୍ବାସ କେନ୍ଦ୍ରରେ ଦୁଇଟି ମୁଖ୍ୟ ୟୁନିଟ୍ ରହିଛି ଯଥା – ରୋବୋଟିକ୍ ଫିଜିଓଥେରାପି ୟୁନିଟ୍ ଏବଂ ଆଡଭାନ୍ସଡ ପ୍ରୋସଥେଟିକ୍ ବା ଅର୍ଥୋଟିକ୍ ୟୁନିଟ୍ । ଏଠାରେ ପ୍ରତିଷ୍ଠା ହୋଇଥିବା କେନ୍ଦ୍ରରେ ମୋଟ ୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏ ମଧ୍ୟରୁ ରୋବୋଟିକ୍ ଫିଜିଓଥେରାପି ୟୁନିଟ୍ ପାଇଁ ପ୍ରାୟ ୧୯ କୋଟି ଟଙ୍କା ଏବଂ ଆଡଭାନ୍ସଡ ପ୍ରୋସଥେଟିକ୍ ବା ଅର୍ଥୋଟିକ୍ ୟୁନିଟ୍ ପାଇଁ ପ୍ରାୟ ୪.୨୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଆମ ସମ୍ବଲପୁର ଓ ଏହାର ପଡ଼ୋଶୀ ଜିଲ୍ଲାଗୁଡ଼ିକର ଦିବ୍ୟାଙ୍ଗ ଭାଇଭଉଣୀମାନେ ବିଶେଷ ଉପକୃତ ହେବେ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ଏବଂ ସ୍ଥାନୀୟ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନ ବିକ୍ରି କରି ପ୍ରାପ୍ୟ ନପାଇବାରୁ ବଂଚିତ ୨ଟି ପଂଚାୟତର ଚାଷୀଙ୍କ ଆମରଣ ଅନଶନ

ଭଦ୍ରକ, ୨୯/୦୮ (ନି.ପ୍ର): ମାଇ-ଅଣ୍ଡିଆ ଧାନ ଚାଷ କରି ତିହିଡି ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଓ ବାରସର ପଂଚାୟତର ଚାଷୀମାନେ ଠକାମୀର ଶୀକାର ହୋଇଛନ୍ତି। ଯେଉଁ ଦୁଇଟି ସଂସ୍ଥା (ଭିଭିଆର ସିଡସ୍ ପ୍ରାଇଭେଟ୍ ଲିମିଟେଡ୍, ହାଇଦ୍ରାବାଦ ଓ ଟାଟା ରାଲିସ୍ କୋ ) ଜରିଆରେ ସଂପୃକ୍ତ ଚାଷୀମାନେ ୨୬୪ ଏକର ରବିଋତୁରେ ଧାନଚାଷ କରୁଥିଲେ। ଏହି ଦୁଇଟି ସଂସ୍ଥା ଧାନ ନେବା ପରେ ଚାଷୀଙ୍କ ପ୍ରାପ୍ୟ ୫୧ ଲକ୍ଷ ୪୩ ହଜାର ୮୮୭ ଟଙ୍କା ନଦେଇ ପଳାଇ ଯାଇଥିବାର ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଠକାମୀ ସଂପର୍କରେ ଚାଷୀମାନେ ପୀରାହାଟ ଥାନାରେ ଗତ ତା ୨୬.୦୭.୨୫ ରିଖରେ ଅଭିଯୋଗ କରିଥିଲେ। ଏହାମଧ୍ୟରେ ଏକମାସ ବିତିଯାଇଥିଲେ ମଧ ଚାଷୀମାନଙ୍କୁ ସୁଫଳ ମିଳିନାହିଁ। ଏଭଳି ପରିସ୍ଥିତିରେ ଦୁର୍ଦ୍ଦଶାଗ୍ରସ୍ତ ଚାଷୀମାନେ ଗତକାଲି ତା ୨୭.୦୮.୨୫ ରିଖ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିଲେ। ପୂର୍ବ ନିଷ୍ପତି ଅନୁଯାୟୀ ଏହି ଦୁଇଟି ପଂଚାୟତର ଚାଷୀମାନେ ଦୁଇଦିନ ଧରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଆମରଣ ଅନଶନ ଦେଇଛନ୍ତି।

# ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ଭୁବନେଶ୍ୱରଠାରେ ଆସନ୍ତାକାଲି (ଶୁକ୍ରବାର)ଠାରୁ ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଓଡ଼ିଶା ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଂଟରଠାରେ ଅଗଷ୍ଟ ୨୯ ତାରିଖ ଦିନ ଆନୁଷ୍ଠାନିକ ଭାବେ ଏହି ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦଘାଟନ କରିବେ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଗୁରୁବାର ଦିନ ବିଧାନସଭାଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ବାଚସ୍ପତି କହିଛନ୍ତି ଯେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ଧରଣର ଜାତୀୟ ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି। ଏଥିରୁ ସ୍ପଷ୍ଟ ଜଣାପଡେ ଯେ ପାର୍ଲାମେଂଟ ଓଡ଼ିଶା ଭଳି ଏକ ଅନୁସୂଚିତ ଜାତି ଓ ଜନଜାତିବହୁଳ ରାଜ୍ୟକୁ ଗୁରୁତ୍ୱ ଦେଇଛନ୍ତି । ଏଥି ପାଇଁ ଲୋକସଭା ବାଚସ୍ପତି, ରାଜ୍ୟସଭା ଉପାଧ୍ୟକ୍ଷ ଏବଂ ତାଙ୍କର ସମସ୍ତ ସହଯୋଗୀଙ୍କୁ ବାଚସ୍ପତି କୃତଜ୍ଞତା ଜଣାଇ କହିଥିଲେ ଯେ ଏହି ସମ୍ମିଳନୀ ଅବସରରେ ଆଲୋଚନା ସହ ଅନ୍ୟ ସମସ୍ତ ରାଜ୍ୟକୁ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟଙ୍କ ଚାଲିଚଳଣି, ପୋଷାକ ପରିଧାନ, କାର୍ଯ୍ୟକୁଶଳତା, କାରିଗରୀ ବିଦ୍ୟା, ହସ୍ତଶିଳ୍ପ ସଂପର୍କରେ ଅବଗତ କରାଇବା ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀର ମଧ ଆୟୋଜନ କରାଯାଉଛି । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ନୃତ୍ୟ-ସଂଗୀତ, ଚାରୁକଳା, କାରୁକଳା ସହିତ ଆଗନ୍ତୁକମାନଙ୍କୁ ପରିଚିତ କରାଇବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଅତିଥିମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ, କୋଣାର୍କ, ଜନଜାତି ସଂଗ୍ରହାଳୟ ଆଦି ବୁଲାଇ ଦେଖାଇବାର ମଧ ବ୍ୟବସ୍ଥା କରାଯାଇଛି । ଏହି ସମ୍ମିଳନୀରେ ଭିନ୍ନ ଭିନ୍ନ ରାଜ୍ୟରେ ରହିଥିବା ସଂସଦୀୟ ପରମ୍ପରା, କଲ୍ୟାଣମୂଳକ କାର୍ଯ୍ୟ ସଂପର୍କିତ ଭାବର ଆଦାନପ୍ରଦାନ ହେବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ। ଓଡ଼ିଶାର ଅନୁସୂଚିତ ଜାତି ଓ ଜନାଜତି ସଂପ୍ରଦାୟ, ବୁଦ୍ଧିଜୀବୀ, ଯୁବବର୍ଗ, ଛାତ୍ରସମାଜ, ନିର୍ବାଚିତ ପ୍ରତିନିଧି, ସମାଜସେବୀଙ୍କ ମନରେ ଏହି ସମ୍ମିଳନୀ ଜାଗରଣ ସୃଷ୍ଟି କରିବାରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ବାଚସ୍ପତି ଆଶା ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକଫର ଫଗନ ସିଂହ କୁଲସ୍ତେ ମଧ ଏହି ସମାବେଶକୁ ସମ୍ବୋଧିତ କରିବେ। ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟ ଓ ସାଂସଦମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଉଦଘାଟନୀ ଅଧିବେଶନରେ ଓଡ଼ିଶା ବିଧାନସଭାର ବାଚସ୍ପତି ସ୍ୱାଗତ ଭାଷଣ ପ୍ରଦାନ କରିବାକୁ ଥିବାବେଳେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିବେ।

# ଖଣ୍ଡଗିରି ବାରି ଅଂଚଳରେ ଦିନ ଦ୍ୱିପ୍ରହରେ ଘରୁ ଲୁଟ ଘଟଣା: ଜଣେ ଗିରଫ

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ପୋଲିସର ନିଦ ହଜାଇଥିବା କୁଖ୍ୟାତ ଚୋର ମନୋଜ କୁମାର ସିଂ କୁ ଗିରଫ କରିଛି କମିଶନରେଟ ପୋଲିସ । ପୋଲିସ ତା ନିକଟରୁ ୨୦୦ ଗ୍ରାମ ସୁନା ଓ ଏକ ଲକ୍ଷ ନଗଦ ଟଙ୍କା, ସ୍କୁଟି ଓ ଚୋରିରେ ବ୍ୟବହୃତ ଏକ ଆଇରନ ରଡ଼ ଜବତ କରିଛି। ମନୋଜର ଘର ଖଜୁରୀପଦା ବୈଦେଶ୍ୱର ଅଂଚଳରେ। ସୂଚନା ଅନୁଯାୟୀ ଗତ ୧୪ ତାରିଖ ଦିନ ଭରତପୁର ଥାନା ଅଂଚଳରେ ଥିବା ଖଣ୍ଡଗିରି ବାରି ଅଂଚଳରୁ ମନୋଜ ଶୁଭଶ୍ରୀ ନାୟକଙ୍କ ଘର କବାଟ ତାଡି ଲୁଟ କରିଥିଲେ। ଏନେଇ ଶୁଭଶ୍ରୀ ଭରତପୁର ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏଥିରୁ ପୋଲିସ ଜାଣିବାକୁ ପାଇଥିଲା ଯେ ମନୋଜ ଅତି ଚତୁରତାର ସହ ନିଜ ସ୍କୁଟି ନମ୍ବର ପ୍ଲେଟକୁ ଲୁଚେଇ ଘଟଣାସ୍ଥଳକୁ ଆସି ଘରର କବାଟ ତାଡି ଲୁଟ କରି ଫେରାର ହୋଇଯାଇଥିଲା । ଏବଂ ଲୁଟ ସୁନା ଗହଣାକୁ ଏକ ସୁନା ଋଣ ସଂସ୍ଥାରେ ଲୋନ ପକାଇଥିଲା। ଏହି ଘଟଣା ଜଣା ପଡିବା ପରେ ପୋଲିସ ସୁନାକୁ ଜବତ କରିଛି।

# ପୁରୁଷଙ୍କଠୁ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ମହିଳା



କୁହାଯାଏ ନାରୀଙ୍କଠୁ ପୁରୁଷ ବେଶ୍ ବଳଶାଳୀ । ଅଧିକ କଠିନ କାମ କରିପାରନ୍ତି, ଅଧିକ ବେଗରେ ଦୌଡ଼ିପାରନ୍ତି ଓ ଅଧିକ ଓଜନ ଉଠାଇପାରନ୍ତି ମଧ୍ୟ । ହେଲେ ଜାଣନ୍ତି କି ରୋଗ ଓ ଆୟୁଷ କଥା କହିଲେ ନାରୀ ପୁରୁଷଙ୍କଠାରୁ କମ୍ ରୋଗରେ ପଡ଼ନ୍ତି ଓ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି...

ହାର୍ଭାର୍ଡ ମେଡିକାଲ ସ୍କୁଲର ଅଧ୍ୟୟନ କହେ, ମହିଳା କମ୍ ରୋଗରେ ପଡ଼ିବା ଓ ଅଧିକ ବର୍ଷ ଜିଇବା ପଛରେ ବିଜ୍ଞାନ ଓ ପ୍ରକୃତିର ବଡ଼ ଭୂମିକା ରହିଛି । ଭ୍ରୂଣର ବିକାଶଠାରୁ ହିଁ ମହିଳା ଓ ପୁରୁଷ ଅଲଗା ହୋଇ ଯାଆନ୍ତି । ଯଦିଓ ଉଭୟଙ୍କର ୨୩ ଯୋଡ଼ା କ୍ରୋମୋଜମ ଥାଏ, ସେଥିରୁ ୨୨ଯୋଡ଼ା କ୍ରୋମୋଜମ ଉଭୟ ଲିଙ୍ଗରେ ସମାନ ଥାଏ । ହେଲେ ୨୩ତମ ଯୋଡା ଅଲଗା ଅଲଗା ହୋଇଯାଏ । ପୁରୁଷଙ୍କ ମଧ୍ୟରେ ୨୩ତମ ଯୋଡାରେ ଗୋଟାଏ ଏକ୍ସ ଓ ଏକ ୱାଇ କ୍ରୋମୋଜମ୍ ଥାଏ । ହେଲେ ମହିଳାଙ୍କ ୨୩ତମ ଯୋଡାରେ ଉଭୟ କ୍ରୋମୋଜମ୍ 'ଏକ୍ସ' ହିଁ ହୋଇଥାଏ । ୱାଇ କ୍ରୋମୋଜମ୍ ଏକ୍ସ କ୍ରୋମୋଜମଠାରୁ ଏକ ତୃତୀୟାଂଶ କମ୍ ହୋଇଥାଏ । ଆଉ ଏଥିରେ 'ଏକ୍ସ' ତୁଳନାରେ ବହୁତ କମ୍ ଜିନ୍ ଥାଏ । ଏକ୍ସ କ୍ରୋମୋଜମ୍‌ରେ ମସ୍ତିଷ୍କ ଓ ଇମ୍ୟୁନ ସିଷ୍ଟମକୁ ପ୍ରଭାବିତ କରୁଥିବା ଜିନ୍ ଥାଏ । ଯଦି ପୁରୁଷଙ୍କର ଏକ୍ସ କ୍ରୋମୋଜମ ଖରାପ ହୁଏ ତେବେ ସେମାନଙ୍କର ଆଉ ଏକ ଏକ୍ସ କ୍ରୋମୋଜମ ନାହିଁ ଭରଣା କରିବା ପାଇଁ । ସବୁଠାରୁ ବଡ଼ କଥା ହେଲା ପୁରୁଷଙ୍କ ମଧ୍ୟରେ ଥିବା କିଛି ୱାଇ କ୍ରୋମୋଜମର ରୋଗ ସହ ଲିଙ୍କ ଥାଏ । ଏହି କାରଣରୁ ପୁରୁଷଙ୍କ ମଧ୍ୟରେ ପୂରା ଜୀବନ ଅଧିକ ରୋଗ ହେବାର ଆଶଙ୍କା ମହିଳାଙ୍କଠାରୁ ଅଧିକ ଥାଏ ।

ପୁରୁଷଙ୍କ ମଧ୍ୟରେ ଥିବା ଟେଷ୍ଟୋଷ୍ଟେରନ ହର୍ମୋନ ଯାହାକି ପୁରୁଷତ୍ୱର ପ୍ରତୀକ ତାହା ହୃତ୍‌ପିଣ୍ଡରେ ବିଭିନ୍ନ ରୋଗ ସୃଷ୍ଟି କରିବାର ବି କାରଣ ସାଜେ । ଅର୍ଥାତ୍ ଟେଷ୍ଟୋଷ୍ଟେରନ୍‌ର ସ୍ତର କମ୍ ହେଲେ ହୃଦ୍‌ରୋଗର ଆଶଙ୍କା ବଢିଥାଏ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି । ହେଲେ ମହିଳାଙ୍କର ନାରିତ୍ୱକୁ ପ୍ରୋତ୍ସାହିତ କରୁଥିବା ଏଷ୍ଟ୍ରୋଜନ ହର୍ମୋନ କିନ୍ତୁ ହୃତ୍‌ପିଣ୍ଡ ରକ୍ଷା କରିବାରେ ଚମତ୍କାର କାମ କରେ ବୋଲି କିଛି ଗବେଷଣା କହେ । ଏଥିରୁ ବୁଝିପାରୁଥିବେ ମହିଳାଙ୍କ ଭିତରେ କାହିଁକି ହୃଦ୍ ସମ୍ବନ୍ଧିତ ରୋଗ କମ୍ ହୋଇଥାଏ ।

ଯଦିଓ ମହିଳାଙ୍କ ଭିତରେ ବ୍ରେଷ୍ଟ କ୍ୟାନ୍ସର, ୟୁଟ୍ରସ୍ କ୍ୟାନ୍ସର ହେଉଥିବା ଦେଖି ଭାବୁଥିବେ ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ସୁରକ୍ଷିତ । ହେଲେ ପ୍ରକୃତରେ ସେମିତି ନୁହେଁ । ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ଲାଣ୍ଡ ପ୍ରୋଷ୍ଟାଟିଟିସ୍, ବିନାଇନ୍ ପ୍ରୋଷ୍ଟାଟିକ ହାଇପରପ୍ଲାସିଆ ଓ ପ୍ରୋଷ୍ଟେଟ କ୍ୟାନ୍ସର ଭଳି ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ । ତା'ସହ ଅନ୍ୟ ବହୁ ପ୍ରକାରର କ୍ୟାନ୍ସର ବି ହୁଏ ।

ଆଉ ଏକ ରୋଚକ କଥା ହେଉଛି ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖୁଥିବା ଗୁଡ୍ କୋଲେଷ୍ଟରଲ ମହିଳାଙ୍କର ବେଶି ଥାଏ । ମହିଳାଙ୍କ ଭିତରେ ଗୁଡ୍ କୋଲେଷ୍ଟରଲ ପ୍ରତି ଡେସି ଲିଟରରେ ୬୦.୩ ମି.ଗ୍ରା. ଥାଏ । ଅନ୍ୟପକ୍ଷେ ପୁରୁଷଙ୍କ ଭିତରେ ଏହା କେବଳ ୪୮.୫ ମି.ଗ୍ରା. ଥାଏ । ଏଥିପାଇଁ ମହିଳାଙ୍କର ହୃତ୍‌ପିଣ୍ଡ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା କମିଥାଏ । ଏହାଛଡ଼ା ମେଦବହୁଳତା ଓ ଅନ୍ୟ ରୋଗ ହେବାର ଆଶଙ୍କା ବି କମ୍ ରହିଥାଏ ଓ ମେଟାବୋଲିଜମ୍ ସକ୍ରିୟ ରହେ । ଏହାବାଦ୍ ସାମାଜିକ କାରଣ ବି ଏକ ଫ୍ୟାକ୍ଟର ରହିଥାଏ । ମହିଳାମାନେ ବେଶି ସୋସିଆଲ ନେଟୱର୍କିରେ ରହିଥାନ୍ତି । ଅଧିକ ହିଂସା ଓ ଆକ୍ରମଣତା ମହିଳାଙ୍କ ଗୁଣ ହୋଇ ନ ଥାଏ । ମହିଳାମାନେ ପୁରୁଷଙ୍କ ତୁଳନାରେ କମ୍ ସିଗାରେଟ୍, ତମାଖୁ, ମଦ ଆଦି ସେବନ କରିଥାନ୍ତି । ଏହାବାଦ୍ ମହିଳାଙ୍କ ଡାଏଟ୍ ପୁରୁଷଙ୍କ ତୁଳନାରେ ହେଲ୍‌ଦି ହୋଇଥାଏ । ମହିଳାମାନେ ଘରକାମ ଅଧିକ କରନ୍ତି । ଫଳରେ ସେମାନଙ୍କର ଶାରୀରିକ ବ୍ୟାୟାମ ଅଧିକ ହୁଏ । ଏଭଳି ଅନେକ କାରଣ ପାଇଁ ମହିଳାମାନେ ମଜଭୁତ ହୋଇଥାନ୍ତି ଓ ଅଧିକ ବର୍ଷ ଜିଇଥାନ୍ତି ।

# ଖାଲି ପେଟରେ ଚାଲୁଛନ୍ତି କି ? ଶରୀର ପାଇଁ ହୋଇପାରେ କ୍ଷତି

ନିକଟ ଅତୀତରେ, ଲୋକଙ୍କ ମଧ୍ୟରେ ଫିଟନେସ ପ୍ରତି ସଚେତନତା ବୃଦ୍ଧି ପାଇଛି । ଅନେକ ଲୋକ ନିଜ ସୱାସ୍ଥ୍ୟର ଯତ୍ନ ନେବା ପାଇଁ ନିୟମିତ ଚାଲନ୍ତି । ଚାଲିବା ସୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଦୈନିକ ୨୦୦୦ ପାଦ ଚାଲିବା ଦ୍ୱାରା ମଧୁମେହ ଏବଂ ହୃଦରୋଗ ଜନିତ ରୋଗର ଆଶଙ୍କା କମିଯାଏ । କିନ୍ତୁ ଅନେକ ଲୋକ ଚାଲିବା ସମୟରେ କିଛି ସାଧାରଣ ଭୁଲ କରନ୍ତି, ଯାହା କ୍ଷତିର କାରଣ ହୁଏ ।

କିଛି ଲୋକଙ୍କର ଖାଲି ପେଟରେ ଚାଲିବା ଅଭ୍ୟାସ ଥାଏ । କିନ୍ତୁ ଏହି ସମୟରେ, ସାଧାରଣ ଭୁଲ ମଧ ଆପଣଙ୍କୁ ଲାଭ ବଦଳରେ କ୍ଷତି ପହଞ୍ଚାଇପାରେ । ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ ଖାଲି ପେଟରେ ଚାଲିବା ସମୟରେ କେଉଁ ଭୁଲଗୁଡ଼ିକ ଏଡାଇବା ଉଚିତ, ଯାହା ଦ୍ୱାରା ଏହା ଆପଣଙ୍କ ସୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ ନାହିଁ ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଦେଖାଯାଏ । ଏପରି ପରିସ୍ଥିତିରେ, ଯଦି ଆପଣ ବହୁତ ଦ୍ରୁତ ଗତିରେ ଚାଲିବାକୁ ଚେଷ୍ଟା କରନ୍ତି, ତେବେ ଆପଣଙ୍କ ଶରୀରରେ ଗ୍ଲୁକୋଜର ଅଭାବ ହୋଇପାରେ – ଯାହା ଯୋଗୁଁ ଆପଣ ମୁଣ୍ଡ ବୁଲାଇବା, ଦୁର୍ବଳତା କିମ୍ବା କ୍ଳାନ୍ତି ଅନୁଭବ କରିପାରନ୍ତି । ଖାଲି ପେଟରେ ଚାଲିବା ସମୟରେ, ଦ୍ରୁତ ଗତିରେ ଚାଲିବା ପରିବର୍ତ୍ତେ ଧୀରେ ଏବଂ ଆରାମରେ ଚାଲନ୍ତୁ ।

ଚାଲିବା ସମୟରେ ଶରୀରରୁ ଝାଳ ବାହାରିଥାଏ, ଯାହା ଶରୀରରେ ଜଳୀୟାଂଶ ହ୍ରାସ କରିପାରେ । ଯଦି ଆପଣ ଖାଲି ପେଟରେ ଚାଲିଥାନ୍ତି ଏବଂ ପର୍ଯ୍ୟାପ୍ତ ପାଣି ପିଉନାହାଁନ୍ତି, ତେବେ ଡିହାଇଡ୍ରେସନର ଆଶଙ୍କା ବଢ଼ିପାରେ । ଡିହାଇଡ୍ରେସନ ମୁଣ୍ଡବିନ୍ଧା, ଥକ୍କାପଣ ଏବଂ ଶରୀରର କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ । ତେଣୁ, ଚାଲିବା ପୂର୍ବରୁ ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ । ଏହା ଶରୀରକୁ ହାଇଡ୍ରେଟେଡ ରଖିବ ।

କିଛି ଲୋକ ଖାଲି ପେଟରେ ଚାଲିବା ପରେ ମଧ ଖାଦ୍ୟ ଖାଆନ୍ତି ନାହିଁ । ଯେତେବେଳେ ଚାଲିବା ପରେ ଶରୀରକୁ ଶକ୍ତିର ଆବଶ୍ୟକତା ପଡ଼ିଥାଏ ଯାହା ଦ୍ୱାରା ମାଂସପେଶୀ ଏବଂ ଶରୀର ପୁନଃନିର୍ମାଣ ହୋଇପାରିବ । ଯଦି ଆପଣ ଚାଲିବା ପରେ ଖାଆନ୍ତି ନାହିଁ, ତେବେ ଏହା ଆପଣଙ୍କ ଶରୀରରେ ପ୍ରୋଟିନ ଏବଂ କାର୍ବୋହାଇଡ୍ରେଟ୍ସର ଅଭାବ ସୃଷ୍ଟି କରିପାରେ । ଚାଲିବା ପରେ ତୁରନ୍ତ ହାଲୁକା ଏବଂ ସନ୍ତୁଳିତ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ – ଯେପରିକି ଫଳ, ବାଦାମ, କିମ୍ବା ଦହି, ଯାହା ଦ୍ୱାରା ଶରୀର ଉପଯୁକ୍ତ ପୁଷ୍ଟି ପାଇପାରିବ ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଥାଏ, ତେଣୁ ବହୁତ ଲମ୍ବା ଚାଲିବା ଆପଣଙ୍କ ଶରୀର ପାଇଁ କ୍ଷତିକାରକ ହୋଇପାରେ । ଦୀର୍ଘ ସମୟ ଚାଲିବା ଶରୀର ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ଆପଣଙ୍କୁ ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳ ଅନୁଭବ ହୋଇପାରେ ।



# ମାନସିକ ଚାପ ହ୍ରାସ କରେ ଯୋଗ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ ଆବଶ୍ୟକତା ରହିଛି । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ । ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ । ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ । ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଂଚାଳନ ମଧ ଠିକ୍ ଭାବେ ହୁଏ । ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ ଶକ୍ତ ହୋଇଥାଏ । ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ । ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ । ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ । ସବୁବେଳେ ଯୋଗ କଲେ ଭଲ ନିଦ ହୁଏ । ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ । ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର ।



# ଏହି ୩ ରାଶିର ପୁରୁଷ ଏକାଧିକ ଥର ପଡ଼ିଥାନ୍ତି ପ୍ରେମରେ; ରୋମାଣ୍ଟିକ୍ ସତ୍ତ୍ୱେ ହୃଦୟ ଭାଙ୍ଗେ...





ପ୍ରତ୍ୟେକ ରାଶିର ବ୍ୟକ୍ତିବିଶେଷଙ୍କ ବ୍ୟବହାର ଏବଂ ପସନ୍ଦ-ନାପସନ୍ଦ ଭିନ୍ନ ଭିନ୍ନ । କିଛି ଶାନ୍ତ ସ୍ୱଭାବର ହୋଇଥିବା ବେଳେ କିଛି ବହୁତ ରାଗି । ପ୍ରେମକୁ ନେଇ ମଧ ସବୁ ରାଶିର ସ୍ୱଭାବ ଭିନ୍ନ । କେହି କେହି ଜୀବନକାଳ ଭିତରେ ଥରେ ପ୍ରେମରେ ପଡ଼ିଥିବା ବେଳେ କେହି ଏକାଧିକ ଥର ପ୍ରେମରେ ପଡ଼ିଥାନ୍ତି । ଆଜି ଆମେ ଆଲୋଚନା କରିବା ଏଭଳି ୩ ରାଶି ବିଷୟରେ, ଯେଉଁଥିରେ ଜନ୍ମିତ ପୁଅମାନେ ସବୁଠାରୁ ଅଧିକ ରୋମାଣ୍ଟିକ୍ ହୋଇଥିଲେ ହେଁ ସେମାନଙ୍କ ପ୍ରେମସମ୍ପର୍କ ସ୍ଥାୟୀ ନ ଥାଏ ।

ମେଷ ରାଶି : ଏହି ରାଶିର ପୁଅମାନଙ୍କ ପାଇଁ ଭଲପାଇବା ସବୁକିଛି । ହେଲେ କୌଣସି ନା କୌଣସି କାରଣରୁ ଏମାନଙ୍କ ପ୍ରେମ ସମ୍ପର୍କ ଠିକ୍ ଭାବେ ଚାଲି ନ ଥାଏ । ପାର୍ଟନରଙ୍କ ସହ ସମ୍ପର୍କ ଖରାପ ରହିବା କାରଣରୁ ଏମାନଙ୍କ ପ୍ରେମ କାହାଣୀ ବିଚ୍ଛେଦର ରୂପ ନେଇଥାଏ । ହେଲେ ଏମାନଙ୍କୁ ଜଣଙ୍କୁ ଭୁଲି ଅନ୍ୟଜଣଙ୍କ ପ୍ରେମରେ ପଡ଼ିବାକୁ ବେଶି ସମୟ ଲାଗି ନ ଥାଏ । ଜୀବନରେ ଏମାନେ ଏକାଧିକ ଥର ପ୍ରେମରେ ପଡ଼ିଥାଏ । ଜ୍ୟୋତିଷ ଅନୁଯାୟୀ ଏମାନଙ୍କ ପ୍ରେମ ସମ୍ପର୍କ ସ୍ଥାୟୀ ନ ଥାଏ ।

ବୃଷ ରାଶି : ଏହି ରାଶିର ପୁଅ ସ୍ୱଭାବରେ ଭାରି ରୋମାଣ୍ଟିକ୍ । ବହୁତ ଶୀଘ୍ର ଏମାନେ ପ୍ରେମରେ ପଡ଼ିଯାଇଥାନ୍ତି । ଅନେକ ଥର ନ ବୁଝି ବିଚାରି ପ୍ରେମ ସମ୍ପର୍କ ଗଢ଼ିବା କାରଣରୁ ଏମାନେ ପରେ ପଶ୍ଚାତାପ କରିଥାନ୍ତି । ଏହି କାରଣରୁ ଜୀବନକାଳରେ ଦୁଇଥର ପ୍ରେମରେ ପଡ଼ିବାର ସମ୍ଭାବନା ଏମାନଙ୍କର ବେଶି ଥାଏ । ହେଲେ ଏମାନେ ନିଜର ପ୍ରେମକୁ ବେଶ ସଚ୍ଚୋଟତାର ସହ ନିର୍ବାହ କରିଥାନ୍ତି । ହେଲେ ପାର୍ଟନରଙ୍କୁ ଭୁଲ ଚୟନ କରିବାକୁ ନେଇ ତାଙ୍କୁ ଧୋକା ମିଳିଥାଏ ।

କର୍କଟ ରାଶି : ଏହି ରାଶିର ପୁଅମାନେ ପ୍ରେମକୁ ନେଇ ବେଶ ଗମ୍ଭୀର ଥାନ୍ତି । ଏମାନେ ନିଜ ପାର୍ଟନରଙ୍କୁ ବହୁତ ଭଲପାଇଥାନ୍ତି । ତାଙ୍କୁ ଖୁସିରେ ରଖିବାକୁ ଯଥାସମ୍ଭବ ଚେଷ୍ଟା କରିଥାନ୍ତି । ସଚ୍ଚୋଟତାର ସହ ସମ୍ପର୍କ ତୁଲାଇଥାନ୍ତି । ହେଲେ ଏମାନଙ୍କୁ ପ୍ରତାରଣା ବିଲ୍‌କୁଲ ପସନ୍ଦ ନୁହେଁ । ଜ୍ୟୋତିଷ ଅନୁଯାୟୀ ଜୀବନରେ ଥରେ ଏମାନଙ୍କ ହୃଦୟ ନିଶ୍ଚିତ ଭାଙ୍ଗିଥାଏ ।

# ଭୁଲ୍‌ରେ ବି ଦାନରେ ଦିଅନ୍ତୁ ନାହିଁ ଏସବୁ ଜିନିଷ, ଅଭାବରେ ବୁଡ଼ିବେ...

ଦାନକୁ ସନାତନ ଧର୍ମର ସର୍ବୋତ୍ତମ ଗୁଣ ଭାବେ ବର୍ଣ୍ଣନା କରାଯାଇଛି । ହେଲେ ବୁଝି ବିଚାରି ଦାନ ନ କଲେ ନିଜର କ୍ଷତି ହୋଇପାରେ । ପୁରାଣରେ ମଧ ଏହାର ଉଦାହରଣ ହେଉଛନ୍ତି 'ଦାନବୀର କର୍ଣ୍ଣ' । ମହାଭାରତରେ କର୍ଣ୍ଣଙ୍କୁ ଜଣେ ମହାନ ଯୋଦ୍ଧା ସହ ମହାନ ଦାତା ଭାବେ ବର୍ଣ୍ଣନା କରାଯାଇଛି । ହେଲେ ଦାନର ପ୍ରବୃତ୍ତି ଯୋଗୁ ସେ ନିଜ ମୃତ୍ୟୁର କାରଣ ପାଲଟିଥିଲେ । ଏଣୁ ଦାନ କରିବା ପୂର୍ବରୁ ଚିନ୍ତା କରିବା ଆବଶ୍ୟକ ହୋଇଥାଏ । ଆସନ୍ତୁ ଜାଣିବା କେଉଁ ଜିନିଷକୁ ଦାନ କରିବା ଅନୁଚିତ :-

ରାଶି ତେଲ : ରାଶି ତେଲର ସମ୍ପର୍କ ରାହୁ-କେତୁ-ଶନିଙ୍କ ଭଳି ଗ୍ରହ ସହ ରହିଛି । ଏଣୁ ଏହି ତେଲକୁ ଦାନ କଲେ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ପାରେ । ଏଥିସହ ଆର୍ଥିକ କ୍ଷତି ମଧ ହୋଇପାରେ ।

ଦିଆସିଲି : କେବେହେଲେ କାହାକୁ ଦିଆସିଲି ଦାନ କରନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ପରିବାରରେ ଅକାରଣରେ ଝଗଡ଼ା ହେବ । ଏପରିକି ପରସ୍ପର ପ୍ରତି ଥିବା ଭଲପାଇବା ହ୍ରାସ ପାଇବ ।

ସୋରିଷ ତେଲ : ଏହା ଶନି ଦେବଙ୍କ ସହ ଜଡ଼ିତ । କାରଣ ଶନିଙ୍କୁ ଏହି ତେଲ ଅର୍ପଣ କରିବାର ପରମ୍ପରା ରହିଛି । ଏଣୁ ଯଦି ଆପଣ ଟଙ୍କା ନ ଦେଇ କାହାଠାରୁ ସୋରିଷ ତେଲ ନିଅନ୍ତି ତେବେ ଆପଣ ଶନିଙ୍କ କ୍ରୋଧର ଶିକାର ହୋଇପାରନ୍ତି ।

ଲୁହା ସାମଗ୍ରୀ : ଏହାକୁ ଦାନ କଲେ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିପାରେ । ଏଥିସହ ଶାରୀରିକ ଅସୁସ୍ଥତା ମଧ ଦେଖାଦେଇପାରେ । ଏହାର କାରଣ ହେଉଛି ଲୁହାରେ ଭଗବାନ ଶନି ବାସ କରନ୍ତି । ଏହାକୁ ଦାନ କଲେ ସେ କ୍ରୋଧିତ ହୁଅନ୍ତି । ସେହିଭଳି କାହାଠାରୁ ଲୁହା ସାମଗ୍ରୀ ଦାନରେ ଗ୍ରହଣ କରନ୍ତୁ ନାହିଁ ।

ଲୁଣ : ଏହାକୁ ଦାନ କଲେ ଶନିଦଶାରେ ପଡ଼ିପାରନ୍ତି । କେବଳ ଏତିକି ନୁହେଁ ଋଣଭାରରେ ଆପଣ ବୁଡ଼ିପାରନ୍ତି ।

ଛୁଞ୍ଚି : ଛୁଞ୍ଚି ଦାନରେ ନେବା ଏବଂ ଦେବା ଉଭୟ କ୍ଷତିକାରକ । ଏହା ଘରର ସୁଖ ଏବଂ ଶାନ୍ତି ସମାପ୍ତ କରେ ।








ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୪

୩୦ ଅଗଷ୍ଟ ୨୦୨୫, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତର ଜନସାଂଖ୍ୟିକ ଲାଭାଂଶ: ଏକ ସୁଯୋଗ ନା ଏକ ସମୟ ବୋମା ?

ଭାରତର ଭବିଷ୍ୟତକୁ ନେଇ ଯେତେବେଳେ ବି ଆଲୋଚନା ହୁଏ, ସେତେବେଳେ ଏହାର 'ଜନସାଂଖ୍ୟିକ ଲାଭାଂଶ'କୁ ଏକ ମୁଖ୍ୟ ଶକ୍ତି ଭାବରେ ଗଣାଯାଏ । ୩୫ ବର୍ଷରୁ କମ୍ ବୟସର ୮୦ କୋଟିରୁ ଅଧିକ ଜନସଂଖ୍ୟା ସହିତ, ଭାରତ ବିଶ୍ୱର ସର୍ବାଧିକ ଯୁବ ଶକ୍ତି ଥିବା ଦେଶମାନଙ୍କ ମଧ୍ୟରୁ ଅନ୍ୟତମ । ଏହି ଯୁବପିଢ଼ି, ଯାହାକୁ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ବିବେଚନା କରାଯାଉଥିଲା, ତାହା ବର୍ତ୍ତମାନ ଏକ ବଡ଼ ଦାୟିତ୍ୱରେ ପରିଣତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହାର ମୂଳ କାରଣ ହେଉଛି ଆମର ଶିକ୍ଷା ବ୍ୟବସ୍ଥା ଏବଂ ବାସ୍ତବ ଦୁନିଆର ଆବଶ୍ୟକତା ମଧ୍ୟରେ ଥିବା ବିରାଟ ପାର୍ଥକ୍ୟ । ଡିଗ୍ରୀ ଏବଂ ନିଯୁକ୍ତି ମଧ୍ୟରେ ଥିବା ଏହି ବ୍ୟବଧାନ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି, ଯାହା ଫଳରେ ଏହି ଜନସାଂଖ୍ୟିକ ସୁଯୋଗ ଏକ 'ସମୟ ବୋମା'ରେ ପରିଣତ ହେବାର ଭୟ ଦେଖାଦେଇଛି । ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରାନଯାଏ, ତେବେ ଭାରତର ସାମାଜିକ ଏବଂ ଅର୍ଥନୈତିକ ସ୍ଥିରତା ପ୍ରତି ଏହା ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରିପାରେ ।

ଏକଥା ସତ ଯେ ଭାରତ ପ୍ରତିବର୍ଷ ଲକ୍ଷ ଲକ୍ଷ ସ୍ନାତକ ସୃଷ୍ଟି କରୁଛି, କିନ୍ତୁ ଏକ ନିରାଶାଜନକ ବାସ୍ତବତା ହେଉଛି ଯେ ଏହି ସ୍ନାତକମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ ସେମାନଙ୍କ ଯୋଗ୍ୟତା ଅନୁଯାୟୀ କାମ ପାଉନାହାନ୍ତି କିମ୍ବା ସମ୍ପୂର୍ଣ୍ଣରୂପେ ନିଯୁକ୍ତି ପାଇଁ ଅଯୋଗ୍ୟ ହୋଇ ରହିଛନ୍ତି। ଏହି ସମସ୍ୟା କେବଳ କଳା ବା ସାମାଜିକ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୀମିତ ନାହିଁ; ବିଗତ ଦଶନ୍ଧିର ତଥ୍ୟ ଅନୁଯାୟୀ, ପ୍ରାୟ ୪୦% ରୁ ୫୦% ଇଞ୍ଜିନିୟରିଂ ସ୍ନାତକ ମଧ୍ୟ କ୍ୟାମ୍ପସ ନିଯୁକ୍ତି ପାଇବାରେ ବିଫଳ ହେଉଛନ୍ତି। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆମର ଶିକ୍ଷାନୁଷ୍ଠାନରେ ଦିଆଯାଉଥିବା ଶିକ୍ଷା ଏବଂ ଶିଳ୍ପ ଜଗତର ଆବଶ୍ୟକତା ମଧ୍ୟରେ କୌଣସି ତାଳମେଳ ନାହିଁ । ଗୋଟିଏ ପଟେ ନିଯୁକ୍ତିଦାତାମାନେ ଦକ୍ଷ କର୍ମଚାରୀଙ୍କ ଅଭାବ ବିଷୟରେ ଅଭିଯୋଗ କରୁଥିବାବେଳେ, ଅନ୍ୟ ପଟେ ଲକ୍ଷ ଲକ୍ଷ ଶିକ୍ଷିତ ଯୁବକଯୁବତୀ ବେକାର ହୋଇ ବସୁଛନ୍ତି । ଏହି ବିଡମ୍ବନାକୁ ବର୍ତ୍ତମାନ ଶିକ୍ଷାବିତ୍ ମାନେ ମଧ୍ୟ ସ୍ୱୀକାର କରୁଛନ୍ତି ଏବଂ ୬୧% ଉଚ୍ଚଶିକ୍ଷା ଅଧିକାରୀ ଏକମତ ଯେ ଆମର ପାଠ୍ୟକ୍ରମ ଦ୍ରୁତ ଗତିରେ ବଦଳୁଥିବା ଚାକିରି ବଜାର ସହିତ ସମନ୍ୱିତ ନୁହେଁ ।

ବିଶ୍ୱ ବର୍ତ୍ତମାନ ଏକ ନୂତନ ବୈଷୟିକ ଯୁଗ ଦେଇ ଗତି କରୁଛି, ଯାହାର ନେତୃତ୍ୱ ନେଉଛି କୃତ୍ରିମ ବୁଦ୍ଧିମତା **(Artificial Intelligence)** । ଏହା ଆମର କାର୍ଯ୍ୟ କରିବାର ଶୈଳୀ ଏବଂ ଚିନ୍ତାଧାରାକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦେଉଛି । ଏକ ଗବେଷଣା ଅନୁଯାୟୀ, ବିଶ୍ୱର ପ୍ରାୟ ୭୦% ଚାକିରି **AI** ଦ୍ୱାରା ପ୍ରଭାବିତ ହେବ ଏବଂ ଅନେକ କ୍ଷେତ୍ରରେ ୩୦% କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହୋଇଯିବ । ଏହି ପରିବର୍ତ୍ତନ ଫଳରେ **AI** ସମ୍ବନ୍ଧୀୟ ଅନେକ ନୂତନ ଚାକିରି ସୃଷ୍ଟି ହେଉଥିବାବେଳେ, ପାରମ୍ପାରିକ ଚାକିରିଗୁଡ଼ିକ ଦ୍ରୁତ ଗତିରେ ଅଦୃଶ୍ୟ ହୋଇଯାଉଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ, ଆମର ସ୍କୁଲ ଓ କଲେଜଗୁଡ଼ିକରେ ପାଠ୍ୟକ୍ରମ ପରିବର୍ତ୍ତନ ପାଇଁ ତିନି ବର୍ଷରୁ ଅଧିକ ସମୟ ଲାଗୁଛି । ଏହି ଧିମା ପ୍ରକ୍ରିୟା ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ଆହ୍ୱାନ ପାଇଁ ପ୍ରସ୍ତୁତ କରିବାରେ ସମ୍ପୂର୍ଣ୍ଣ ବିଫଳ ହେଉଛି । ଯଦି ଆମେ ଆମର ଯୁବପିଢ଼ିକୁ ନୂତନ କୌଶଳ **(upskilling)**, ଅତିରିକ୍ତ କୌଶଳ **(cross-skilling)** ଏବଂ ପୁନଃ କୌଶଳ **(re-skilling)** ଦ୍ୱାରା ସଶକ୍ତ ନ କରିବା, ତେବେ ସେମାନେ ଏହି ପ୍ରତିଯୋଗିତାରେ ବହୁ ପଛରେ ପଡ଼ିଯିବେ ।

ଏହି ସମସ୍ୟାର ମୂଳଦୁଆ ହାଇସ୍କୁଲ ସ୍ତରରୁ ହିଁ ପଡ଼ିଥାଏ । ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ୯୩% ଛାତ୍ରଛାତ୍ରୀ କେବଳ ସାତଟି ପାରମ୍ପାରିକ ବୃତ୍ତି (ଡାକ୍ତର, ଇଞ୍ଜିନିୟର, ଓକିଲ ଇତ୍ୟାଦି) ବିଷୟରେ ଅବଗତ ଥାଆନ୍ତି, ଯେତେବେଳେ କି ଆଧୁନିକ ଅର୍ଥବ୍ୟବସ୍ଥାରେ ୨୦,୦୦୦ରୁ ଅଧିକ ବୃତ୍ତିର ସୁଯୋଗ ରହିଛି । ଏହାଠାରୁ ଆହୁରି ଆଶ୍ଚର୍ଯ୍ୟର କଥା ଯେ କେବଳ ୭% ଛାତ୍ରଛାତ୍ରୀ ସ୍କୁଲ ସମୟରେ କୌଣସି ପ୍ରକାରର ଆନୁଷ୍ଠାନିକ ବୃତ୍ତିଗତ ମାର୍ଗଦର୍ଶନ ପାଇଥାନ୍ତି । ଏହି ସଚେତନତାର ଅଭାବ ଯୋଗୁଁ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ନିଜର ଦକ୍ଷତା ଏବଂ ବଜାରର ଚାହିଦାକୁ ନ ଦେଖି ଏପରି ଡିଗ୍ରୀ ହାସଲ କରନ୍ତି, ଯାହା ଭବିଷ୍ୟତରେ ସେମାନଙ୍କ କୌଣସି କାମରେ ଆସେନାହିଁ । ଫଳରେ, ସେମାନେ ଡିଗ୍ରୀ ହାସଲ କରି ମଧ୍ୟ ବେକାର ରହି ଦେଶର ବେରୋଜଗାରୀ ସମସ୍ୟାକୁ ଆହୁରି ଜଟିଳ କରନ୍ତି।

ସରକାରଙ୍କ ଦ୍ୱାରା 'ସ୍କିଲ୍ ଇଣ୍ଡିଆ ମିଶନ' ଭଳି ଅନେକ ଯୋଜନା ଆରମ୍ଭ କରାଯାଇଛି, ଯାହାର ଉଦ୍ଦେଶ୍ୟ ଥିଲା ୨୦୨୨ ସୁଦ୍ଧା ୪୦ କୋଟି ଲୋକଙ୍କୁ ତାଲିମ ଦେବା । କିନ୍ତୁ ବ୍ୟାପକ ପାଣ୍ଠି ଯୋଗାଣ ସତ୍ତ୍ୱେ, ଏହି ମିଶନ ନିଜ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଗଲା । ଏକ ସୁସଂଗଠିତ ରଣନୀତିର ଅଭାବ ଏବଂ ବିଭିନ୍ନ ଯୋଜନା ମଧ୍ୟରେ ସମନ୍ୱୟର ଅଭାବ ଏହାର ବିଫଳତାର ମୁଖ୍ୟ କାରଣ । ବର୍ତ୍ତମାନ ସମୟର ଆହ୍ୱାନ ହେଉଛି ଏକ ସୁସଂଗତ ରଣନୀତି ପ୍ରସ୍ତୁତ କରିବା, ଯେଉଁଥିରେ ସରକାର, ବେସରକାରୀ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମିଳିତ ଭାବେ କାର୍ଯ୍ୟ କରିବେ। ଶିକ୍ଷା ଏବଂ ଦକ୍ଷତା ବିକାଶକୁ ଶିଳ୍ପର ଚାହିଦା ସହିତ ଯୋଡ଼ିବା ଅତ୍ୟନ୍ତ ଜରୁରୀ । ପାଠ୍ୟକ୍ରମରେ କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ବ୍ୟାବହାରିକ ଅଭିଜ୍ଞତା, ସମସ୍ୟା ସମାଧାନର କୌଶଳ ଏବଂ ନୂତନ ଜ୍ଞାନକୌଶଳର ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ ।

ଯଦି ଭାରତ ଏହି ସଙ୍କଟର ମୁକାବିଲା କରିବାରେ ବିଫଳ ହୁଏ, ତେବେ ଏହାର ପରିଣାମ ଭୟାବହ ହୋଇପାରେ । ଉଚ୍ଚଶିକ୍ଷିତ କିନ୍ତୁ ବେକାର ଯୁବପିଢ଼ିର ଏକ ବିଶାଳ ସମୂହ ଦେଶରେ ସାମାଜିକ ଅସ୍ଥିରତା ଏବଂ ଅସନ୍ତୋଷ ସୃଷ୍ଟି କରିପାରେ । ଏହା କେବଳ ଏକ ଶିକ୍ଷା ବା ନିଯୁକ୍ତି ସଙ୍କଟ ନୁହେଁ, ବରଂ ଏହା ଆମର ସାମାଜିକ ବ୍ୟବସ୍ଥାକୁ ମଧ୍ୟ ଭଙ୍ଗି ଦେଇପାରେ । ଆଗାମୀ ଦଶନ୍ଧି ଭାରତ ପାଇଁ ଅତ୍ୟନ୍ତ ନିର୍ଣ୍ଣାୟକ । ଏହି ସମୟ ହିଁ ସ୍ଥିର କରିବ ଯେ ଭାରତର ଯୁବ ଶକ୍ତି ଦେଶ ପାଇଁ ଏକ ବରଦାନ ସାବ୍ୟସ୍ତ ହେବେ ନା ଅଭିଶାପ । ସମୟ ଦ୍ରୁତ ଗତିରେ ଚାଲିଛି, ଏବଂ ଆମକୁ ଆମର ଯୁବପିଢ଼ିଙ୍କୁ ଗତକାଲିର ଚାକିରି ପାଇଁ ନୁହେଁ, ବରଂ ଆସନ୍ତାକାଲିର କ୍ୟାରିୟର ପାଇଁ ପ୍ରସ୍ତୁତ କରିବାକୁ ପଡିବ ।



# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସ୍ୱପ୍ନ ଆମେ ଦେଖୁ। ସ୍ୱପ୍ନ ଦେଖିବା ଆମ ଅଧିକାର। ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ। ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ। ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ। ତକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର। ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ। ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି। କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ। ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର। ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି। ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ। ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ। ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ। ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣକ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି। ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ। ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି। ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ। ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା। ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି। ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ। ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର। ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ। ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ। ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ। କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ। ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ। ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ। ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ। ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତତ ଚେଷ୍ଟା କର। ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚିତ ଭାବେ ସାକାର ହେବ। ଏତେ ସପନକୁ ରାତି କାହିଁ। ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ। ତେବେ ଏଥିରେ କାତର ହେବ ଉଚିତ ନୁହେଁ। ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ। କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ।

ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ। ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ। ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ। ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ। ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ। ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢ଼ୁ। ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ। ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା। କୁହାଯାଏ ମଧ୍ୟବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି। ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି। ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି। କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ। ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି - ବ୍ୟକ୍ତି ବିଶେଷରେ। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ। ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି

> ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ। ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ। ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ। ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ। ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ। ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢ଼ୁ। ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ।

ଖୋଲିଲେ ମାତ୍ରେ ତାହା ନଥାଏ। କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି। ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତତି। ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି। କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖା।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ। କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ। ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ୍ୟ ତା ଭିତରେ ଉଙ୍କି ମାରେ। ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ। ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତତ୍ତ୍ୱବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି। ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ। ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ। ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ। ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ। ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ। ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ।

ପ୍ରତିରଦ୍ଧିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭



# ମହାପ୍ରସାଦ ଓ ଗଙ୍ଗାଜଳ

**ଅଜୟ କୁମାର ବେହେରା**

'ପ୍ରସାଦ' ସବୁ ଦେବାଦେବୀଙ୍କର ମନ୍ଦିରରେ ବା ପୂଜା ପାର୍ବଣରେ ହୁଏ। ପ୍ରସାଦକୁ ଭୋଗ କୁହାଯାଏ। ଭୋଗ ନ ହେବା ପୂର୍ବରୁ ସେହି ଭୋଗ୍ୟ ଉପକରଣ ଗୁଡ଼ିକୁ ଅମଣିଆଁ କୁହାଯାଏ। ମହାପ୍ରସାଦ କେବଳ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରସାଦ ହିଁ ସେହି ନାମର ଅଧିକାରୀ। ତାର ପୁଣ୍ୟପ୍ରଦ ଯମ ବି ଏକ ମୋକ୍ଷର ଉଚ୍ଚାରଣ ତାହା ହିଁ ଦିବ୍ୟ ସତ୍ୟର 'ଶପଥ' ହଳପାର ବିଶେଷ ପ୍ରୟୋଗ କରାଯାଉଛି।

ଏତଦ୍ ସତ୍ୟମ, ଏତଦ ସତ୍ୟମ, ଏତଦ ସତ୍ୟମ। ଏପରି ତିନିଥର ଉଚ୍ଚାରଣ କାହାରି ନିର୍ବନ୍ଧକର୍ମରେ କନ୍ୟା ପକ୍ଷ ବରପକ୍ଷ ଏହି ବହାପ୍ରସାଦକୁ ଧରି କହିଥାନ୍ତି। ବରଯାତ୍ରୀ ବର ସହିତ ଆସି କନ୍ୟାଙ୍କ ଘରେ ବା ଉଦ୍ଦିଷ୍ଟ କଲ୍ୟାଣ ମଣ୍ଡପରେ ପହଞ୍ଚିଲେ କନ୍ୟା ପକ୍ଷର ଲେଶକେ ବରଯାତ୍ରୀ ସମସ୍ତ କୁଣିଆଙ୍କୁ ଏଇ ମହାପ୍ରସାଦ ପ୍ରଥମେ ଦେଇ ଅର୍ଚ୍ଚନା କରିଥାନ୍ତି। ଏପରି ମୂଲ୍ୟବାନ ଖାଦ୍ୟ ନାହିଁ ଯାହା ଚଣ୍ଡାଳ ବା ଭିନ୍ନ ଜାତକ ହାତରୁ ବ୍ରାହ୍ମଣ ବି ଗ୍ରହଣ କରନ୍ତି। ମହାପ୍ରସାଦ ଦିବ୍ୟ ଭୋଜନରେ ଆସେ। ଭୋଜନ ୧୬ ପ୍ରକାର ସବୁଠାରୁ ଶ୍ରେଷ୍ଠ ଭୋଜନରେ ହିଁ ଏହି ଦିବ୍ୟ ଭୋଜନ ମହାପ୍ରସାଦ। ରାଜ ପ୍ରାସାଦରେ ରାଜମହଲରେ ରାଜକୀୟ ଆହାର ଠାରୁ ଏହି ମହାପ୍ରସାଦ ବହୁ ଉଚ୍ଚରେ।

ଆହାର ପ୍ରସ୍ତୁତ ଓ ପ୍ରସାଦ ବି ଦୂର ସ୍ଥାନକୁ ତାହା ଗ୍ରାହ୍ୟ ହୋଇନପାରେ, ମାତ୍ର ଶ୍ରୀ ମହାପ୍ରସାଦ ଦୂର ଦେଶକୁ ବିଭିନ୍ନ ହାତ ହୋଇଗଲେ ବି ଗ୍ରାହ୍ୟ ହୋଇଥାଏ। ମହାପ୍ରସାଦ ଏପରି ଜିନିଷ ଯେବେ ଯୋଡ଼ା ଆଷାଢ଼ ପଡ଼େ ମହାପ୍ରଭୁଙ୍କ ନବକଳେବର ହୁଏ। ଦାରୁର ସନ୍ଧାନ, ଦାରୁଙ୍କୁ ନିୟମ ବିଧିରେ ସଂଗ୍ରହ ଓ ଶ୍ରୀକ୍ଷେତ୍ରକୁ ଶଗଡ଼ିରେ ଟାଣି ଟାଣି ବହୁ ହରିବୋଲ ହୁଳହୁଳି ବାଦ୍ୟନାଦ କୀର୍ତ୍ତନାଦି ମଧ୍ୟରେ ଶ୍ରୀମନ୍ଦିରକୁ ଅଣାଯାଇ ନୂତନ ବିଗ୍ରହ କରାଯାଇ ପୁରାତନ ବିଗ୍ରହରୁ ବ୍ରହ୍ମପରିବର୍ତ୍ତନ କରାଯାଇ ପରେ ସିଂହାସନରୂଢ଼ା କରାଯାଇ ପୁନଃ ନିତ୍ୟ ନୀତିକାମ ଧାରାରେ ରଖାଯାଏ। ପ୍ରଭୁଙ୍କର ମହାପ୍ରସାଦର ଲୀଳା ଏ ମଧ୍ୟରେ ଓଡ଼ିଶାରେ ପୁର ପଲ୍ଲୀରେ ସ୍ମୃତି ରଖିବାରେ ଏହି ସମୟରେ ଅଭଡ଼ା, ନିର୍ମାଲ୍ୟ ପଦରେ ଏକି ପୁଅପିଲା ବା ଝିଅ ପିଲା ଅନ୍ୟ ଏକ ପୁଅ ବା ଝିଅ ପିଲା ସହିତ ଏକ ସମ୍ବନ୍ଧରେ ବନ୍ଧାଯାଏ। ରକ୍ତ ସମ୍ପର୍କ ପରି ସଇସଙ୍ଗାତ ସମ୍ବନ୍ଧ ଆମର ବନ୍ଧୁତ୍ୱରେ ଆତ୍ମବନ୍ଧୁ, ପିତୃବନ୍ଧୁ, ମାତୃବନ୍ଧୁ ଜ୍ଞାତି କୁଟୁମ୍ବ ପରି ଏହି ମହାପ୍ରସାଦ ଦିଆବନ୍ଧୁ ନିବିଡ଼ ସମ୍ପର୍କରେ ରହେ। ସୂର୍ଯ୍ୟବନ୍ଧୁରେ ଏହି ସମ୍ବନ୍ଧ ବହୁ ଉଚ୍ଚରେ ରହିଥାଏ। ଏକ ଗୁରୁଙ୍କ ଠାରୁ ଦୀକ୍ଷିତ ବ୍ୟକ୍ତିମାନେ ବି ନିବିଡ଼ ସମ୍ବନ୍ଧରେ ରହନ୍ତି ମାତ୍ର ଆଦର୍ଶ ରକ୍ଷାରେ ଅନେକ ହେଳା ଲୋକେ ଏବେ କରୁଛନ୍ତି। ଗଙ୍ଗାଜଳ ମଧ୍ୟ ଏହିପରି ନାରୀମାନେ ମାସିକ ରଜସ୍ରାବ ପରେ ଗଙ୍ଗାଜଳରେ ଶୌଚ ସ୍ନାନ କରିବ ଶୁଦ୍ଧ ମନେକରନ୍ତି। ଗଙ୍ଗାଜଳ କେବେ ପଚେ ବା ସଢ଼ି ଦୁର୍ଗନ୍ଧ ହୁଏନାହିଁ। ଏଥିରେ ଜୀବାଣୁ ବଂଶ ବିସ୍ତାର କରିପାରନ୍ତି ନାହିଁ। ତେବେ ଗଙ୍ଗାତୀର୍ଥ ପ୍ରୟାଗରାଜରୁ ଉପରକୁ ଉପରକୁ ଗଙ୍ଗାଙ୍କ ଉପରେ ମୁଣ୍ଡକୁ ଯେତେ ବାଟ ବଦ୍ରୀବିଶାଳ ଯାଏ ବା ଗଙ୍ଗୋତ୍ରୀ ଯାଏ ଯାଇ ପାରିବେ ସେତେ ଶୁଦ୍ଧ ଗଙ୍ଗାଜଳ ମିଳିଥାଏ। ଗଙ୍ଗାନଦୀରେ ଏ ସମୟରେ ବିଭିନ୍ନ ସହରାଞ୍ଚଳର ଆବର୍ଜନାମିଶା ପରିତ୍ୟକ୍ତଜଳ, କଳକାରଖାନାର ଜଳ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରେ ବିଭିନ୍ନ ସ୍ଥାନରେ ମିଶୁଛି ଫଳରେ ଗଙ୍ଗା ମୁହାଣ ଯାଏ ଅପେକ୍ଷାକୃତ ଶୁଦ୍ଧତା ରହୁନାହିଁ। ଏହି ଗଙ୍ଗା ବିଷ୍ଣୁଙ୍କ ପାଦ ନଖକୋଣରୁ ବାହାରିଛନ୍ତି ଓ ଶିବଙ୍କ ମସ୍ତିଷ୍କଜଟା ବାଟେ ପୃଥିବୀକୁ ଆସି ବହି ଯାଉଛନ୍ତି। ଶିବ, ବିଷ୍ଣୁ ସମ୍ବନ୍ଧ ଗଙ୍ଗାମାଆଙ୍କର ଅଛି।

> ଆହାର ପ୍ରସ୍ତୁତ ଓ ପ୍ରସାଦ ବି ଦୂର ସ୍ଥାନକୁ ତାହା ଗ୍ରାହ୍ୟ ହୋଇନପାରେ, ମାତ୍ର ଶ୍ରୀ ମହାପ୍ରସାଦ ଦୂର ଦେଶକୁ ବିଭିନ୍ନ ହାତ ହୋଇଗଲେ ବି ଗ୍ରାହ୍ୟ ହୋଇଥାଏ। ମହାପ୍ରସାଦ ଏପରି ଜିନିଷ ଯେବେ ଯୋଡ଼ା ଆଷାଢ଼ ପଡ଼େ ମହାପ୍ରଭୁଙ୍କ ନବକଳେବର ହୁଏ। ଦାରୁର ସନ୍ଧାନ, ଦାରୁଙ୍କୁ ନିୟମ ବିଧିରେ ସଂଗ୍ରହ ଓ ଶ୍ରୀକ୍ଷେତ୍ରକୁ ଶଗଡ଼ିରେ ଟାଣି ଟାଣି ବହୁ ହରିବୋଲ ହୁଳହୁଳି ବାଦ୍ୟନାଦ କୀର୍ତ୍ତନାଦି ମଧ୍ୟରେ ଶ୍ରୀମନ୍ଦିରକୁ ଅଣାଯାଇ ନୂତନ ବିଗ୍ରହ କରାଯାଇ ପୁରାତନ ବିଗ୍ରହରୁ ବ୍ରହ୍ମପରିବର୍ତ୍ତନ କରାଯାଇ ପରେ ସିଂହାସନରୂଢ଼ା କରାଯାଇ ପୁନଃ ନିତ୍ୟ ନୀତିକାମ ଧାରାରେ ରଖାଯାଏ।

ଏଇ ଗଙ୍ଗାଜଳ ପ୍ରକୃତରେ କୈବଲ୍ୟ ସମତୁଲ୍ୟ ସନାତନ ଧର୍ମର ଧରାଯାଇଛି। ଲୋକେ ଭାବନ୍ତୁ ମାଆ ଗର୍ଭଧାରଣରେ ମାଆ କେତେ ଗୋଇଠା ଭୃଣର ପରିପୃକ୍ତ ଠାରୁ ଗର୍ଭମୋକ୍ଷ ପର୍ଯ୍ୟନ୍ତ ଖାଇନାହାଁନ୍ତି। ଟିକି ପିଲା ମାଆ କୋଳରେ ଥିବା ବେଳେ ପିଲାର କେତେ ଗୋଇଠା ମାତାଙ୍କୁ ଦେଇ ନାହାନ୍ତି। ହେଲେ ମାଆ ତାକୁ ଧରି ନାହାଁନ୍ତି କି ଏ ପାଇଁ ମାଆଙ୍କର ଅଭିଶାପ ନାହିଁ। କ୍ଷମାଶୀଳା ମାଆ ସଦା କଲ୍ୟାଣ ମୁଖର। ଏପରି ଗଙ୍ଗା ସ୍ନାନ ପାଇଁ ଗଲେ ଲାକେ ଗଙ୍ଗାଜଳରେ ପାଦ ହିଁ ପ୍ରଥମେ ପକାଉଛନ୍ତି। ଯାହା ମାଆଙ୍କୁ ଗୋଇଠା ମାରିବା ସହିତ ସମାନ। ହେଲେ ସେ ଗଙ୍ଗାମାଆ ସଦା କଲ୍ୟାଣକାରୀ ଦେବୀ ମାଆ।

ମହାପ୍ରସାଦ ଓ ଗଙ୍ଗାଜଳକୁ ଆମେ ସମ୍ମାନ ଜଣାଇବା ସହିତ ଏହାର ବିଶୁଦ୍ଧତା ପାଇଁ ଓ ତାକୁ ରକ୍ଷା ପାଇଁ ଏକ ଏକ ସଂକଳ୍ପ କରି ଯୋଦ୍ଧା ରୂପରେ କାର୍ଯ୍ୟ କରିଯିବା ନିହାତି ଆବଶ୍ୟକ। ଏହା ସଦା ପବିତ୍ରକରଣରେ ଆମର ସହାୟକ।

ବରେଣ୍ୟ ବାଣୀ'
ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩




## ମା'ସମଲେଶ୍ୱରୀଙ୍କୁ ଜୁହାର

**ଗୀତାଞ୍ଜଳି ଅଗସ୍ତି**

ସମ୍ବଲପୁରେ ରହିଛୁ ବୋଲି
ମାଆ ସମଲେଶ୍ୱରୀ
ପଶ୍ଚିମ ଓଡ଼ିଶାର ଦୁଃଖ କୁ
ବୁଝୁ ଥାଉ ମା ପରି ।

ଓଡ଼ିଶା ସଂସ୍କୃତି ପରମ୍ପରା
ବିଶ୍ୱର ଉଦାହରଣ
ସଂସ୍କାର ସଭ୍ୟତା କୁ ପାଳିବା
ତା'ର ମହାନ ଗୁଣ ।

ଭିନ୍ନ ସ୍ଥାନରେ ନାନା ରୂପରେ
ପୂଜା ପାଉଛୁ ତୁହି
ପଶ୍ଚିମ ଓଡ଼ିଶାର ପୂଜିତା
ମାଆ ତୁ ସମଲେଇ।

କୃଷି ଭିତ୍ତିକ ପର୍ବ ପର୍ବାଣୀ
ଅଟେ ଯେ ନୂଆ ଖାଇ
ଚାଷୀ କୂଳକୁ ସହାୟ ହେବୁ
ମାଆ ନବାନ୍ନ ଖାଇ ।

ପ୍ରଥା ପରମ୍ପରାକୁ ବଜାଇ
ପଶ୍ଚିମ ଓଡ଼ିଶାରେ
ମା'ଙ୍କୁ ନୂତନ ଖାଦ୍ୟ ବସ୍ତ୍ର
ସମର୍ପିତ ଶ୍ରଦ୍ଧାରେ ।

ଗୁରୁ ଗୁରୁଜନଙ୍କୁ ସମ୍ମାନ
ଲଘୁଜନେ ସ୍ନେହାଭାବ
ଆନନ୍ଦେ ନବାନ୍ନ ଖାଇ ନାଚି
ଗାଇ ମନାନ୍ତି ଉତ୍ସବ ।

ଭାଦ୍ରବ ମାସ ଋଷି ପଞ୍ଚମୀ
ନୂଆ ଖାଇ ଭେଟଭାଟ
ପଶ୍ଚିମ ଓଡ଼ିଶାର ଦେବୀ ମା
ପୀଠେ ଉତ୍ସବ ନାଟ।

ଚରଣେ ମିନତି ମା ସମଲେଇ
ଆଶିଷ ଦିଅ ଢାଳି
ଜୁଆର କରୁଛି ତୋ ଚରଣେ
ଦୀନେ ଦେ ପାଦ ଧୂଳି।

ଏରଡା, ଭଦ୍ରକ

## ବାପା

**ସଦାଶିବ ବିଶ୍ୱାଳ**

ବାପା,
ନିଶବ୍ଦରେ କାନ୍ଦୁଥିବା ମଣିଷ
ଭିତରେ ଅନେକ ଗ୍ଲାନି,
ବ୍ୟଥା, ବେଦନା
ବାୟୁ, ପାଣି ବିନା
ଯେପରି ଜୀବନ ଧାରଣ ଅସମ୍ଭବ
ଆମ ଜୀବନ ଅସମ୍ଭବ ବାପାଙ୍କ ବିନା ।

ବାପା,
ବିପଦ ବେଳେ ଜାବୁଡ଼ି ଧରିଲାଭଳି
ଦମ୍ଭ ତାଳଗଛଟିଏ
ବିଶ୍ୱାସ, ଭରସାର
ମଜଭୁତ ଛାତଟିଏ
ତାଙ୍କୁ ଜଣା
ଲୁହକୁ ଝାଳ କରିବାର
କଳା କୌଶଳ
ତାଙ୍କୁ ମାଲୁମ କେମିତି ଲୁଚାଇବାକୁ
ହୁଏ ଲୁହ, କୋହ
ତାଙ୍କ ପାଇଁ ସମାନ
ମହୋତ୍ସବର ସ୍ୱାଦ, କୋଳାହଳ ।

ସେ ସମସ୍ୟାର ଭଉଁରୀରେ
ନଉକାର ଗୋଟେ କୁଶଳ ନାଉରି
ଚଳାନ୍ତି ସଂସାର ନାଆ
ଲହୁ, ଲୁହ ଏକାକାର କରି ।

କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର









# ମାଛ ମାଂସ ଚିକେନ୍ ଖାଇବା ନାହିଁ

## ଡ. କାଳିକିଙ୍କର

ଘରକୁ ଅନେକ କୁଣିଆ ଆସିଛନ୍ତି । ତେଣୁ ଜେଜେ ବାହାରିଲେ ଆଣିବେ ମାଂସ, ଚିକେନ୍, ମାଛ ଓ କିଛି ପନି ପରିବା । ଜେଜେ ବାହାରକୁ ଯାଉଛନ୍ତି ବୋଲି ଚିମୁନ ଦେଖିନେଲା ଓ ଜିଦ କଲା ଯିବ ବୋଲି । ଜେଜେ କହିଲେ ମୋର ଡେରିହେବ ଫେରିବାକୁ । ଘରେ ତ ଆଜି କେତେ ରକମର ରୋଷେଇ ହେବ ତେଣୁ କେତେ ପ୍ରକାରର ଜିନିଷ ଆଣିବାକୁ ପଡିବ । କିଏ ମାଂସ ଖାଏ ତ କିଏ ଚିକେନ୍ ଖାଏ, କିଏ ପୁଣି ମାଛ ଖାଏ ତ କିଏ କେବଳ ପନିପରିବା ତରକାରୀ ଖାଏ - ତେଣୁ ସମସ୍ତଙ୍କ ପାଇଁ କିଛି କିଛି ଆଣି ଦେଲେ ରୋଷେଇ ହେବ । ତୁ କଣ ଏତେ ସମୟ ମୋ ସହ ରହିପାରିବୁ ?

ହଁ ରହିପାରିବି- , କହିଲା ଚିମୁନ । ଜେଜେମା କହିଲେ- କାହିଁକି ନାଇଁ ନାଇଁ ହେଉଛ ଯେ ଛୁଆଟା କହୁଛି ଯାଉ ।

ଜେଜେ ଓ ଚିମୁନ ଗଲେ ସାଙ୍ଗ ହୋଇ । ପ୍ରଥମେ ସେମାନେ ପହଂଚିଲେ ଚିକେନ୍ କାଉଣ୍ଟରରେ । ଚିମୁନ ଦେଖିଲା ଭାନୁ ମିଆଁ କୁକୁଡ଼ା ଗୋଡିକ ଆଣି ବେକମୋଡ଼ି ମାରିଦେଉଛି



ଓ ସେ ନିରୀହ କୁକୁଡ଼ା ଛଟପଟ ହୋଇ ମରିଯାଉଛି ।

ଚାଲ ଜେଜେ ଚାଲ, ଆମେ ଚିକେନ୍ ନେବା ନାହିଁ । ଏମାନେ ନିଷ୍ଠୁର । କୁକୁଡ଼ାର ବେକ ମୋଡ଼ି ମାରିଦେଉଛନ୍ତି ।

ଟାଣି ଟାଣି ଚିମୁନ ଜେଜେଙ୍କୁ ଗାଡି ପାଖକୁ ନେଇଗଲା । ଜେଜେ ଆଉ ଚିକେନ୍ ଆଣିବେ କଣ ଗାଡି ନେଇ ମାଂସ ଦୋକାନକୁ ଗଲେ । ଚିମୁନ ସେଠାରେ ଦେଖିଲା କିଛି ଛେଳି ବନ୍ଧା ହୋଇଛନ୍ତି ଓ ମେ ମେ କରୁଛନ୍ତି । ଆଲିଜାନ ଗୋଟିଏ ଛେଳିକୁ ଧରି ନେଇ ଛୁରୀରେ ତା ବେକ କାଟି ଦେଉଛି । ବିଚରା ନିରୀହ ଛେଳି କେଡେ କଷ୍ଟପାଇ ଶେଷରେ ନିସ୍ତେଜ ହୋଇଗଲା । ରକ୍ତ ବୋହି ଯାଉଥାଏ । ଚିମୁନ କହିଲା ଜେଜେ- ଚାଲ ଚାଲ ଏଠାରୁ, ଏମାନେ କେଡେ ନିଷ୍ଠୁର ଯେ । ନିରୀହ ଛେଳିଟାକୁ ଛୁରୀରେ କାଟି ପକେଇଲେ । ଆମର ମାଂସ ନେବା ଦରକାର ନାହିଁ ।

ଜେଜେ ଆଜି ବହୁତ ଅସୁବିଧାରେ ପଡିଗଲେ ।ଶେଷରେ ସେ ମାଛ ଦୋକାନରେ ପହଂଚିଲେ । ଚିମୁନ ସେଠାରେ ମଧ ଦେଖିଲା ଯେ କେଉଟ ମାଛକୁ ପାଣିରୁ ଛାଣି ପନଖିରେ କାଟି ପକାଉଛି । ଜେଜେ ଚାଲ, ଆମେ କେହି ମାଂସ ଚିକେନ୍ ମାଛ ଖାଇବା ନାହିଁ ।

ବିଚରା ଜେଜେ ସେଦିନ କେବଳ ପନିପରିବା ଧରି ଘରକୁ ଫେରିଲେ ଓ ଚିମୁନ କେମିତି ମାଂସ, ଚିକେନ୍ ଓ ମାଛ ଆଣିବାକୁ ଦେଲାନାହିଁ ବୋଲି ଜଣେଇଲେ ।

ଚିମୁନ ସମସ୍ତଙ୍କୁ ଶୁଣେଇଦେଲା ଯେ ଆମେ ଆଉ ମାଛ ମାଂସ ଚିକେନ୍ ଖାଇବା ନାହିଁ । ନିଷ୍ଠୁର ହେବା ନାହିଁ । ସମସ୍ତେ ଚିମୁନର ହୃଦୟରେ ଥିବା ଦୟାଭାବକୁ ପ୍ରଶଂସା କଲେ ଓ କେହି ମାଛ, ମାଂସ ଓ ଚିକେନ୍ ଖାଇଲେ ନାହିଁ ।

+ସୌଭାଗିନୀ ନିବାସ, ରଟିଲୋ, ରେଞ୍ଚ,
ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭



# ଆହେ ହାତୀ ଅଜା

## ରମେଶ ଚନ୍ଦ୍ର ନାୟକ

ଆହେ ହାତୀ ଅଜା ଦଳବଳ ନେଇ
ଆସ ନାହିଁ ଗାଆଁ ଧାଇଁ
ଧ୍ୱଂସ କର ନାହିଁ କ୍ଷେତ ବିଲବାଡ଼ି
ଘର ଦ୍ୱାର ଚରାଭୂଇଁ ।

ମନେ ବହି ରୋଷ ଗାଆଁ ଭୂଇଁ ଆସ
ଛୁଆ ପିଲା ଧରି ସାଥେ
ଚାଷୀର କ୍ଷେତକୁ ଖାଉଅଛ ଯେତେ
ନଷ୍ଟ ତ କରୁଛ ସେତେ ।

ଶାନ୍ତଶିଷ୍ଟ ହୋଇ ହିଂସ୍ର ରୂପ ଧର
ପାଦରେ ଦଳ ମଣିଷ
ତୁମ ଆକ୍ରମଣେ ଗ୍ରାମେ ନରନାରୀ
ଛାଡି ଯାଉଛନ୍ତି ବାସ ।

ତୁମ ବଡ ମୁଣ୍ଡ ଗଣେଷଙ୍କ ତୁଣ୍ଡ
ତେଣୁ ପରା ତୁମେ ଜ୍ଞାନୀ
ଲକ୍ଷ୍ମୀଙ୍କ ବାହନ ହୋଇଣ ତୁ କିଆଁ
କରୁଅଛୁ ଏତେ ହାନୀ ।

ଛାଣିଅଛି ମୁହିଁ ତୁମ ବାସ ପାଇଁ
ଜଙ୍ଗଲ ଘୋର ଅଭାବ
ଗଛ କଟା ପାଇଁ ବାସ ହୀନ ହୋଇ
ଗାଆଁରେ ରହିବ ଭାବ ।

ଶିକାରୀ ଗୁଳିରେ ପ୍ରାଣବଳି ଦିଅ
କ୍ଷତ ବିକ୍ଷତ ବି ହୁଅ
ପ୍ରତିଶୋଧ ପାଇଁ ଯୁଦ୍ଧ କରିବାକୁ
ସହର ଗାଆଁକୁ ଧାଅଁ ।

ମଣିଷ ରକ୍ଷକ ସାଜୁଛି ଭକ୍ଷକ
ଜଙ୍ଗଲେ ଲଗାଏ ନିଆଁ
ଅଜ୍ଞାନୀ ଜନଙ୍କୁ ଜ୍ଞାନ ଦେବା ପାଇଁ
ବିଛାଅ ଭୟର କାୟା ।

ଆହେ ହାତୀ ଅଜା ବଣକୁ ଫେରି ଯା'
ଦୁଃଖ ଯନ୍ତ୍ରଣାକୁ ଭୁଲି
ମାନବ ଜାତିକୁ ବୁଝାଇ ଦେବି ମୁଁ
ଶାନ୍ତିରେ ରହିବ ବୋଲି ।

+ କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

# ସାଧୁଙ୍କ ବଡ଼ପଣିଆ

## ରମେଶ ଚନ୍ଦ୍ର ଦାଶ

ରଘୁ ପ୍ରଧାନ ଗାଁର ମୁଖିଆ । ତାଙ୍କ ଆଗରେ ସବୁରି ପାଟିବନ୍ଦ । ଯିଏ କହିବ ସେ ଯେ କୌଣସି ଉପାୟରେ ତାକୁ ମୁଖିଆ ଏକ ଘରକିଆ କରାଇବେ । ତେଣୁ ସମସ୍ତେ ନିରବ ରହି ସେ ଯାହା କହନ୍ତି ତାଙ୍କ କଥା ଅନୁସାରେ କରିଯାଆନ୍ତି । ସେ ବଜାର ଚା' ଦୋକାନରେ ସନ୍ଧ୍ୟାବେଳକୁ କେତେକ ଲୋକଙ୍କୁ ସାଙ୍ଗରେ ନେଇ ବସନ୍ତି । ତାଙ୍କ ଦ୍ୱାରା ଗ୍ରାମର ବହୁତ ଉନ୍ନତି ହେଉଛି ବୋଲି ବାହାବା ନିଅନ୍ତି । ପାଖ ଗାଁର ଲୋକମାନେ ବି ସେହି ଚା'ଦୋକାନକୁ ଆସନ୍ତି । ସେମାନେ ରଘୁ ପ୍ରଧାନର କଥା ଶୁଣି ଖୁସି ହୁଅନ୍ତି । ସେମାନେ ଭାବନ୍ତି-ଆମ ଗାଁରେ ଏମିତି ଜଣେ ମୁଖିଆ ଥାଆନ୍ତେ କି ତାଙ୍କ ଗାଁର ବି ସେମିତି ବିକାଶ ହୁଅନ୍ତା । ଲୋକମାନେ ହଇରାଣ ହୁଅନ୍ତେ ନାହିଁ ।

ନିତ୍ୟାନନ୍ଦ ନାମରେ ଜଣେ ଯୁବକ । ତାର ମାମୁଘର ରଘୁ ପ୍ରଧାନଙ୍କ ଗାଁରେ । ସେ ପ୍ରାୟ ସବୁ ଛୁଟିରେ ଯାଏ । ପିଲାଟିଏ ହେଲେ ବି ତାର ବଢ଼ିଆ ବୁଦ୍ଧି । ସେ ମାମୁଘର ଗାଁ ମୁଖିଆଙ୍କ ପ୍ରଶଂସା ଶୁଣି ଆଶ୍ଚର୍ଯ୍ୟ ହୋଇଗଲା ।

ଥରେ ତାଙ୍କ ଗାଁକୁ ଜଣେ ସାଧୁ ଆସିଥାଆନ୍ତି । ସେ ବହୁତ ହିତ ଉପଦେଶ ଦେଉଥାଆନ୍ତି । ତାଙ୍କର ବ୍ୟବହାରରୁ ଜାଣିଲା ଯେ ସେ ବହୁତ ଭଲଲୋକ । ତେଣୁ ସେ ଗାଁମୁଣ୍ଡ କିଆ ଗୋହିରୀ ପାଖରେ ତାଙ୍କୁ ଅପେକ୍ଷା କରି ରହିଲା । ଏପଟେ ଓ ସେପଟେ ଲୋକ କାମ କରୁଥାଆନ୍ତି । ତେଣୁ ଭୟ ନାହିଁ । ନିତ୍ୟାନନ୍ଦ ତା' ମାମୁଘର ଗାଁ ମୁଖିଆଙ୍କ କଥା କହିବା ସହିତ ତାଙ୍କୁ କିପରି ବାଟକୁ ଅଣାଯାଇପାରିବ ସେଥିପାଇଁ ଅନୁରୋଧ କଲା । ସାଧୁ ପିଲାଟିର ଅବସ୍ଥା ବୁଝିଲେ କିନ୍ତୁ କିଛି ଉତ୍ତର ନଦେଇ ଚାଲିଗଲେ ।

ନିତ୍ୟାଦନ୍ଦ ଭାବିଲା-ମୋତେ ପିଲାଟିଏ ଭାବି ସାଧୁ କିଛି ନକହି ଚାଲିଗଲେ । କିଛିଦିନ ଗଲା । ସେହି ସାଧୁ ଆଉ ନିତ୍ୟାନନ୍ଦ ଗାଁକୁ ନଯାଇ ସିଧା ଗଲେ ରଘୁ ପ୍ରଧାନର ଗାଁକୁ । ଘର ଘର ବୁଲିବା ପରେ ସେ ପହଞ୍ଚିଲେ ରଘୁ ପ୍ରଧାନଙ୍କ ଘରେ । ରଘୁ ପ୍ରଧାନ ସେତେବେଳେ ଘରେ ଥିଲେ । ସେ ସାଧୁଙ୍କୁ ବହୁତ ପ୍ରଶଂସା କଲେ । ସାଧୁ ମଧ ତାଙ୍କ ଉପରେ ଖୁସି ହୋଇ ତାଙ୍କ ଗ୍ରାମରେ ଥିବା ବିଭିନ୍ନ ଲୋକଙ୍କ ସମସ୍ୟା ସହିତ ଅନୁଷ୍ଠାନ କଥା ପଚାରିଲେ । କିଛି ସମୟ ରହି ଆଶୀର୍ବାଦ ପ୍ରଦାନ କରି ଚାଲିଗଲେ ।

ଠିକ୍ ଛ'ମାସ ପରେ ସେହି ସାଧୁ ପୁଣି ଗାଁକୁ ଆସିଲେ । ସେ ଆଉ କାହାରି ଘରକୁ ନଯାଇ



ସିଧା ଗ୍ରାମ ମୁଖିଆଙ୍କ ଘରକୁ ଗଲେ । ସେ ପୁଣି ତାଙ୍କ ଗାଁର ବିଭିନ୍ନ ଲୋକ ଓ ଅନୁଷ୍ଠାନ କଥା ପଚାରିଲେ । ସାଧୁଙ୍କ ପ୍ରଶ୍ନରେ ଖୁସି ହୋଇ ରଘୁ ପ୍ରଧାନ ଖୁସିରେ ଉତ୍ତର ଦେଉଥାନ୍ତି । ଶେଷରେ ସାଧୁଙ୍କ ବ୍ୟାଗ୍ ଭିତରୁ କିଛି ଶବ୍ଦ ଶୁଣାଗଲା । ରଘୁ ପ୍ରଧାନ ଭାବିଲେ କିଏ ତାଙ୍କର କଥାକୁ ଅନୁକରଣ କରି ବାହାରେ ଛିଗୁଲେଇ କହୁଛି । ତାପରେ ତାଙ୍କ ମୁହଁର ବିସ୍ମିତ ଅବସ୍ଥା ଦେଖି ତାଙ୍କ ବ୍ୟାଗରୁ ଯନ୍ତ୍ରଟିଏ ବାହାର କଲେ । ଯେଉଁଥିରେ ପୂର୍ବଥର କହିଥିବା କଥାଗୁଡ଼ିକ ଥିଲା । ସେ କହିଲେ ଯେ ଆପଣ ଜଣେ ମିଛୁଆ । ପ୍ରକୃତରେ ଆପଣ ସାଧାରଣ ଲୋକଙ୍କର କିଛି ଉପକାର କରିନାହାନ୍ତି ଯାହା ଆପଣ ନିଜେ କହିଥିବା କଥାରୁ ଜଣାପଡୁଛି । ଏ କଥାକୁ ପାଖରେ ଥିବା କିଛି ଲୋକ ଶୁଣୁଥିଲେ । ଯେଉଁମାନେ ତାଙ୍କୁ ଭୟରେ ସମର୍ଥନ କରୁଥିଲେ ସେମାନେ ପାଟିଖୋଲିଲେ ।

ତାପରେ ସାଧୁ ପ୍ରକୃତ ଘଟଣା ସଂପର୍କରେ କହିଲେ । ସେଥିରେ ରଘୁ ପ୍ରଧାନର ମୁହଁ ଶୁଖିଗଲା । ସେ ଆଉ ସନ୍ଧ୍ୟାବେଳେ ବଜାରକୁ ଯାଇ ଫୁଟାଣି ନମାରି ଲୋକମାନଙ୍କର ଭଲ ପାଇଁ ଚିନ୍ତାକଲେ । ନିତ୍ୟାନନ୍ଦ ପର ଛୁଟିରେ ଯେତେବେଳେ ମାମୁଘରକୁ ଗଲା । ସବୁ ଶୁଣି ମନେ ମନେ ସାଧୁଙ୍କ ଧନ୍ୟବାଦ ଦେଲା । ପ୍ରକୃତରେ ଯେଉଁମାନେ କାମ କରନ୍ତି ସେମାନେ ନିଜର ବଡ଼ ପଣିଆ ଦେଖାଇ ହୁଅନ୍ତି ନାହିଁ ବୋଲି ସାଧୁଙ୍କ କାମରୁ ଜାଣିଲା ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨

# ମାଣ୍ଡିଆ ମୋହରି ନାମ

## ସାବିତ୍ରୀ ମଲ୍ଲିକ

ଶସ୍ୟଙ୍କ ଭିତରେ ଅତି ଛୋଟ ମୁହିଁ
ମାଣ୍ଡିଆ ମୋହରି ନାମ,
ବହୁ ପୃଷ୍ଟିକର ଖାଦ୍ୟ ଅଟେ ମୁହିଁ
ଦେହେ କରେ ଭଲ କାମ ।

ନଡ଼ାକୁ ମୋହର ପିଲାଏ ଖାଆନ୍ତି
ଚୋବାଇ ଚୋବାଇ କରି,
କୁହନ୍ତି ଲାଗୁଛି ଆଖୁ ପରି ଏହା
ମିଠା ଅଛି ତାଠି ଭରି ।

ମୋଠାରୁ ତିଆରି ହୁଏ ଯେଉଁ ରୁଟି
ଭାରି ଭଲ ଲାଗେ ତାହା,
ଆରିସା ପିଠା ବି ଖାଇଲେ ସରାଗେ
ବଡ଼ ସ୍ୱାଦ ଲାଗେ ଆହା ।

ଚାଉଳକୁ ମୋତେ ମିଶାଇ ରାନ୍ଧିଲେ
କ୍ଷୀରି ତାକୁ କହିଥାନ୍ତି,
ପିଲାଠାରୁ ବୁଢା ଯିଏବି ଖାଇଲେ
ବହୁତ ଆନନ୍ଦ ପା'ନ୍ତି ।

ସୋରିଷ ପରିକା ଦେଖାଯାଏ ମୁହିଁ
କରେ ସଦା ଉପକାର,
ମଣିଷ ଜାତିକୁ କେବେ ହେଲେ ପରା
କରେନାହିଁ ହତାଦର ।

ଏବେକା ପିଲାଙ୍କୁ ମାଣ୍ଡିଆ କହିଲେ
ଜାଣିପାରନ୍ତିନି କେହି,
ପୂରୁବ କାଳରେ ଯିଏସେ ଖାଇଛି
ତା' ଗୁଣ ଜାଣିଛି ସେହି ।

+ ଦଶରଥପୁର, ଯାଜପୁର, ଓଡ଼ିଶା

# ମନ ଲଗେଇ ପଢ଼ିଲେ ପାଠ

## ପ୍ରଶାନ୍ତ କୁମାର ଦାଶ

ପାଠ ଆସୁନି ମନ ଦୁଃଖରେ
ବସି କୁକୁରଭାଇ
କହୁଚି ମୁଁଯେ ପାଠେ ପଛୁଆ
ଗଛମୂଳରେ ଥାଇ ।।

ହାତରେ ଧରି ଖଡି ସିଲଟ
ଲେଖୁଚି ପାଠ କାଉ
ପଛରେ ବସିଁ ଲୁଆ ନନା
ହଉଚି ରାଉ ରାଉ ।।

କୋଇଲି ଗାଏ ମଧୁର ସୁରେ
ମିଠା ଗୀତଟି ବସି
ବହି ଧରିକି ଆସଇ ଛେଳି
ପାଠଶାଳାକୁ ହସି ।।

ଗୁରୁଜୀ ହେଇ ମାଙ୍କଡ ଭାଇ
ହାତରେ ବେତ ଧରି
ପଢାଏ ପାଠ ସବୁ ଚାଟଙ୍କୁ
ମନେ ଶରଧା ଭରି ।।

ଘୁମାଏ ବସି ପାଠଶାଳାରେ
ପାଠ ନପଢି ପାରା
ଆଖିରେ ଦେଖେ କଅଁଳ ଖରା
ପଡିଛି ବଣସାରା ।।

ବଣି ଚଢ଼େଇ ଗାଏତ ବସି
ପଣିକିଆର ଗୀତ
ପାଠକୁ ଡରି ଶୁଅଇ ଭାଲୁ
ଲାଗଇ ତାକୁ ଶୀତ ।।

ବଡପାଟିରେ ମାଙ୍କଡଗୁରୁ
କହିଲେ ରଡ଼ି ଛାଡ଼ି
ମନଲଗେଇ ପଢ଼ିଲେ ପାଠ
ଆଗକୁ ଯିବା ମାଡ଼ି ।।

ବଡ ହୋଇଲେ ହେବତ ବାବୁ
ସଭିଏଁ ହେବେ ଖୁସି
ଫେରିବ ଦୁଃଖ ପାଇବ ସୁଖ
କାଟିବ ଦିନ ହସି ।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

# ସରଗ

## ଚିତ୍ତରଞ୍ଜନ ବ୍ରହ୍ମା

ଡାକିଲି, ପରୀଲୋ, ସରଗ ପରୀ-
କୁନାଟା କାନ୍ଦୁଛି, ଅଝଟ କରି
ପିଠିରେ ବସେଇ ଉଡ଼େଇ ନେଏ,
ସରଗପୁର ତୋ ଦେଖେଇ ଦେଏ ।

ହସି ହସି ପରୀ ଉଡ଼ିଆସିଲା,
କୁନାର ପାଖରେ ଯାଇ ବସିଲା,
ଗେଲ କରି ସାଥେ ନେଲା ଉଡ଼େଇ,
ସରଗକୁ ନେଇ ଦେଲ ଦେଖେଇ ।

କେତେ ଜାତି ଫୁଲ ତହିଁ ଫୁଟିଛି,
ସୁଲୁସୁଲୁ ହୋଇ ବାଆ ବହୁଛି,
ଫୁଲର ବାସନା ସାଥିରେ ନେଇ
ସବୁଆଡ଼େ ସିଏ ଦିଏ ବିଛେଇ

ଚଗଲା ଭଅଁର ମଧୁର ସୁରେ
ଗୀତ ଗାଇ ଗାଇ ମଧୁକୁ ହରେ ।

ଫୁଲ ହସ ଦେଖି କୁନା ହସିଲା,
ଫୁଲ ଛିଡ଼େଇବା ପାଇଁ ଧାଇଁଲା ।

ମନା କଲା ତାକୁ ସରଗପରୀ,
ଛିଡ଼େଇଲେ ଫୁଲ ଯିବ ଝାଉଁଳି ।

କୁନାକୁ ନେଇ ସେ ଆପଣା ଘର,
ଦେଖେଇଲା ଭାଇ ଭଉଣୀ ତା'ର ।
କୁନାକପୁ ସେମାନେ ଆଦର କଲେ,
ସାଥିରେ ତାଙ୍କର ମିଶେଇ ନେଲେ ।

ସଭିଙ୍କ ଓଠରେ ସୁନ୍ଦର ହସ,
ସବୁରି ମୁଖରେ ମଧୁର ଭାଷ ।
ବୁଲି ବୁଲି କୁନା ଦେଖିଲା ସବୁ,
ସରଗ କିପରି ବୁଝିଲା ବାବୁ ।

ଯେଉଁଠି ରହିଛି ମଧୁର ହସ,
ଯେଉଁଠି ରହିଛି ମଧୁର ଭାଷ,
ଯେଉଁଠି ଗୁଣର ହୁଏ ଆଦର,
ଯେଉଁଠି ନଥାଏ ଆପଣା ପର,
ଯେଉଁଠି ରହିଛି ମାଆ ମମତା,
ସରଗ ସହିତ ଗଣା ହୁଏ ତା' ।

+ବି-୧୫୦
ସେକ୍ଟର-୭
ରାଉରକେଲା
ମୋ: ୮୮୯୫୫୫୦୪୪୩

# ମୁଁ ଗାନ୍ଧୀ ନୁହେଁ

## ନୀଳମଣି ଚାନ୍ଦ



କୁନିଝିଅଟିଏ, ନାଆଁ ତା'ର ପ୍ରାନ୍ୱୀ ବୟସ ତିନି ବର୍ଷ ଛଅ ମାସ । ଗୋରା ତକ ତକ ଦେହ, ଖୁବ୍ ଡଉଲଡାଉଲ ସେ,ଏ ଯାଏ ପ୍ଲେ ସ୍କୁଲ ଯାଇନି, ହେଲେ ଘରେ ରହି ସବୁ ଶିଖିଯାଇଛି । ଓ୍ୱାନ୍‌ରୁ ଫିଫ୍‌ଟି,ଏରୁ ଜେଡ୍ ଯାଏ ଏକା ଥରକେ କହିଯାଉଥିଲା ସେ । ଆଶ୍ଚର୍ଯ୍ୟ ହୋଇଗଲି ଯେତେବେଳେ ପିକ୍ଚର ବୁକ୍ ଦେଖି ଏ ଫର୍ ଆପଲ, ବି ଫର୍ ବ୍ୟାଟ୍ ନିର୍ଭୁଲ୍ ଭାବେ ସେ କହିଯାଉଥିଲା । ମଝିରେ ମଝିରେ ଦୁଷ୍ଟାମି ବି କରୁଥିଲା ରୁମ୍ ବାହାରକୁ ଯାଇ ଫେରିଆସି ତା ବହି ପାଖରେ ବସିଯାଉଥିଲା ସେ । ଆହୁରି ଆଶ୍ଚର୍ଯ୍ୟ ହୋଇଗଲୁ ଯେତେବେଳେ ପ୍ରାନ୍ୱୀ ନର୍ସରି ରାଇମ୍‌ରୁ ପାଞ୍ଚଟି ରାଇମ୍ ନିର୍ଭୁଲ ଭାବେ ଗାଇଦେଲା ।

ପ୍ରାନ୍ୱୀର ବାପା ଫୁଲବାଣୀରେ ଚାକିରୀ କରନ୍ତି, ତେଣୁ ସେ ସେଠାରେ ରହୁଥିଲା, ହେଲେ କିଛିଦିନ ପାଇଁ ସେମାନେ ଗାଆଁକୁ ଆସିଥିଲେ ଓ ଆମକୁ ମଧ୍ୟାହ୍ନଭୋଜନ ପାଇଁ ଡକାଯାଇଥିବାରୁ ଆମେ ତାଙ୍କ ଘରକୁ ଯାଇଥିଲୁ । ମଧ୍ୟାହ୍ନ ଭୋଜନ ପୂର୍ବରୁ ପ୍ରାନ୍ୱୀର କାର୍ଯ୍ୟକଳାପ ଥିଲା ଖୁବ୍ ମନଛୁଆଁ । ସମୟ ଗଡ଼ି ଯାଉଥାଏ । ହଠାତ୍ ଝିଅଟି ମୋ ଆଡକୁ ଚାହିଁ କହିଲା 'ତୁମର ଗୋଟେ ଦାନ୍ତ ନାହିଁ । ତୁମ ନାଆଁ ଗାନ୍ଧୀ କି ? ଦେଖ ଦେଖ ଆମ କାନ୍ଥରେ ଗାନ୍ଧୀଙ୍କର ଫଟୋ ଝୁଲୁଛି । ସେ ହସୁଛନ୍ତି ତାଙ୍କ ପାଟିରେ ବି ଦାନ୍ତ ନାହିଁ । ଝିଅଟି ସେହି କଥାକୁ ବାରମ୍ବାର କହିଚାଲିଥାଏ । ତା'ର କଥା ଶୁଣି ମନେ ମନେ ଭାବୁଥିଲି ପିଲାଦିନୁ ମୋ ତଳପାଟିର ଦୁଇଟି ଦାନ୍ତ ମଝିରେ କିଛି ଫାଙ୍କା ରହିଯାଇଥଲା । ଦେଖୁ ଦେଖୁ ଯେ କେହି ଭାବିବ ସତରେ ଦାନ୍ତ ଗୋଟିଏ ନାହିଁ ।

କୁନି ଝିଅଟି ମୋତେ ଲକ୍ଷ୍ୟ କରି ଏ କଥାଟି କହିଛି । ଛୋଟ ପିଲା ହେଲେ କ'ଣ ହେବ ସେ ଗାନ୍ଧୀଙ୍କ ହସିଲା ମୁହଁକୁ ମଧ ଲକ୍ଷ୍ୟ କରିଛି । ସେଥିପାଇଁ ବହି ପଢୁ ପଢୁ ମୋ ଆଡ଼କୁ ଚାହିଁ ସେ ଏ କଥାଟି କହିଦେଇଛି । ଏମିତି ଭାବୁଥିବା ବେଳେ ସେ ମୋ ପାଖକୁ ଦୌଡି ଆସି ପଚାରିଲା 'ତୁମ ନାଆଁ ଗାନ୍ଧୀ ତ ।' ମନେ ମନେ ଭାବୁଥିଲି, ଗାନ୍ଧୀ, ସେ ତ ଜାତିର ପିତା, ହେଲେ ମୁଁ କ'ଣ ତାଙ୍କରି ପରି ଜଣେ ବଡ଼ ମଣିଷ । କେମିତି ଝିଅଟିକୁ କହିବି ମୁଁ ଗାନ୍ଧୀ ନୁହେଁ । ମୋ ନାଆଁ ପ୍ରଭାତ ।ମନା କରିଦେଲେ ସେ ହୁଏତ କାନ୍ଦିପାରେ ।ମୋ ପକେଟରୁ ତା'ର ପ୍ରିୟ ଟଫିଟିଏ ବାହାର କରି ଧରେଇ ଦେଇ କହିଲି, 'ଆଗ ଏ ଟଫିଟି ଖାଇ ଦେଏ, ପରେ ମୋ ନାଆଁଟି କହିବି ।' ଝିଅଟି ଟଫି ପାଇ ଦୌଡି ଦୌଡି ଆମ ପାଖରୁ ଚାଲିଗଲା । ଆଉ ପାଖକୁ ଆସିନି କି ମୋ ନାଆଁ କଣ ପଚାରି ନାହିଁ । ଫେରିବା ବେଳେ ଦେଖିଲି ଝିଅଟି ଗାଢ଼ ନିଦରେ ଶୋଇପଡିଛି । ଭାବୁଥିଲି ଭଲ ହୋଇଛି ସେ ଶୋଇଯାଇଛି, ନଚେତ୍ ତାକୁ କେମିତି ବୁଝେଇ କହି ଥାଆନ୍ତି, ମୋ ନାଆଁ ପ୍ରଭାତ, 'ମୁଁ ଗାନ୍ଧୀ ନୁହେଁ ।'

+ଡୁପ୍ଲେକ୍ସ ୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭



# ପୁରୀରେ ପଥୋତ୍ସବ ଅନୁଷ୍ଠିତ : ବିବିଧ କାର୍ଯ୍ୟକ୍ରମକୁ ଉପଭୋଗ କଲେ ହଜାର ହଜାର ଦର୍ଶକ

ପୁରୀ, ୨୯/୦୮ (ନି.ପ୍ର): ପୁରୀ ପୌରପାଳିକା ଆସନ୍ତା ୩୧ ତାରିଖରେ ପାଳନ କରିବାକୁ ଯାଉଛି ସ୍ୱାୟତ ଶାସନ ଦିବସ। ଏହାର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଛି ସପ୍ତାହ ବ୍ୟାପି ବିବିଧ କାର୍ଯ୍ୟକ୍ରମ। ତାହାର ଅଂଶ ସ୍ୱରୂପ ଆଜି ପ୍ରତ୍ୟୁଷରୁ ସୁଭାଷ ବୋଷ ଛକ ଠାରୁ ହରିହର ଛକ ପର୍ଯ୍ୟନ୍ତ ଆରମ୍ଭ ହୋଇଥିଲା ରାହାଗିରି ବା ପଥୋତ୍ସବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଭା ପ୍ରଦର୍ଶନ ଓ ନିଜର ପରିଚୟ ସୃଷ୍ଟି ପାଇଁ ପଥୋତ୍ସବ ଏକ ଉନ୍ନତ ମାଧ୍ୟମ ବୋଲି କହିଥିଲେ।ବିବିଧ କାର୍ଯ୍ୟକ୍ରମ ପରିବେଷଣ କରୁଥିବା କଳାକାର ଓ ଦଳ ମାନେ ନିଜର ଦକ୍ଷତା ଓ ନିଷ୍ଠା ବଳରେ ଜିଲ୍ଲା ପାଇଁ ସମ୍ବଳ ହୋଇ ବାହାରିବେ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପୌରପାଳିକା ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଅରଜିତ ନାୟକ, ଏନଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇ ସହଯୋଗ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସମସ୍ତ କାର୍ଯ୍ୟକୁ ତତ୍ତ୍ୱାବଧାନ ସହ ପରିଚାଳନା କରିଥିଲେ। ନୃତ୍ୟ, ସଂଗୀତ, ଯୋଗ, ସାଇକେଲିଂ, ସଡକ ସୁରକ୍ଷା, ବୃକ୍ଷ ରୋପଣ ଇତ୍ୟାଦି ସଚେତନତା ସୃଷ୍ଟି, ପେଂଟିଙ୍ଗ, ରଙ୍ଗୋଲୀ, ବିଜ୍ଞାନ ଭିତିକ ପ୍ରକଳ୍ପ ପ୍ରଦର୍ଶନ, ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ପ୍ରଦର୍ଶନ କରାଯାଇଥିଲା। ସେହିପରି ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଯିବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ ମଂଚରେ ଓଲିଉଡ ଗାୟିକା ସୁଜ୍ଞାନୀ ମହାପାତ୍ର, ଗାୟକ ମୃଣ୍ମୟ ଚିତାକର୍ଷକ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶିବାନା ଓ ଗେଡାନା ଭାବରେ ପରିଚିତ ଧାରାବାହିକ ଅଭିନେତା ଆକର୍ଷଣୀୟ ଅଭିନୟ ପ୍ରଦର୍ଶନ କରିଥିଲେ ଓ ଉପସ୍ଥାପିକା ତଥା ଅଭିନେତ୍ରୀ ଅଙ୍କିତା ମହାନ୍ତି, ପୀୟୁଷ ଏବଂ ଶ୍ୟାମ ପ୍ରକାଶ ସେନାପତି ମଂଚ ସଂଚାଳନ କରିଥିଲେ।

# ଜୟପୁର ସହରର ଜଳ ନିଷ୍କାସନ ପାଇଁ ପୌରସଂସ୍ଥାର ତତ୍ପରତା

ଜୟପୁର, ୨୯/୦୮ (ନି.ପ୍ର): ଜୟପୁର ସହରରେ ଗତ ମଙ୍ଗଳବାର ରାତି ଠାରୁ ବୁଧବାର ପୂର୍ବାହ୍ନ ପର୍ଯ୍ୟନ୍ତ ଯେଉଁଭଳି ଭାବେ ପ୍ରବଳ ବର୍ଷା ହୋଇଥିଲା। ଏଥିରେ ଜୟପୁର ସହରର ବିଭିନ୍ନ ସାହି, ବସ୍ତି ଗୁଡିକରେ ଡ୍ରେନ ପାଣି ରାତିରେ ପ୍ରବାହିତ ଘର ଭିତରେ ପ୍ରବେଶ କରିଥିଲା । ଏଥିରେ ଲୋକମାନେ ହଇରାଣ ହୋଇଥିଲେ । ସାରା ସହରର ଅଧିକାଂଶ ଅଂଚଳ ଜଳମଗ୍ନ ହୋଇଯାଇଥିଲା, ଏହିପରି ସହର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଡ୍ରେନ ନିର୍ମାଣ ବ୍ୟବସ୍ଥା ଏବଂ ବର୍ଷା ଦିନ ପୂର୍ବରୁ ଡ୍ରେନ ଗୁଡିକର ସଫେଇକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏଥିନେଇ ପୌରସଂସ୍ଥା ଏବଂ ପ୍ରଶାସନକୁ ସମାଲୋଚନା କରାଯାଇଥିଲା । ଏହିପରି ବିଜୁରାଜ ନଗର, ଏନ.କେ.ଟି ରୋଡ ବସ୍ତି ଅଂଚଳ, ବେଲ ରୋଡ ଗୁଡିକରେ ବର୍ଷା ଜଳ ଜମା ହୋଇ ନିଷ୍କାସିତ ହୋଇପାରିନଥିଲା । ଗତକାଲି ଠାରୁ ପୌରସଂସ୍ଥା ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା ଏବଂ ଗତକାଲି ରାତି ୮ ଟା ସମୟରେ ବିଜୁରାଜ ନଗର ପଛପାଖରେ ରହିଥିବା ହୁଡା ଭାଙ୍ଗି ମତ୍ସ୍ୟ ବିଭାଗର ପୋଖରୀ ଗୁଡିକରେ ପ୍ରବେଶ କରାଯିବା ପରେ ନୂଆ ସାହି ୫ମ ଲାଇନ ନିକଟସ୍ଥ ଡ୍ରେନକୁ ଛଡାଯାଇଥିଲା । ସେହିପରି ସହରର ବେଲ ରୋଡ, ଡ୍ରେନକୁ ସଫେଇ କରାଯାଇ ଶୁଭମ କଲ୍ୟାଣ ମଣ୍ଡପ ପଛପାଖ ବଡ଼ ଡ୍ରେନ ଦେଇ ଚିକିଟି ନାଳକୁ ପାଣି ନିଷ୍କାସିତ ହୋଇଥିଲା । ଏନ.କେ.ଟି ରୋଡର ସିନେମାନ ସାହି ବସ୍ତିରେ ପାଣି ଜମା ହୋଇରହିଥିଲା । ଏହାକୁ ମଧ୍ୟ ନିଷ୍କାସନ କରାଯାଇ ଚିକିଟି ନାଳକୁ ସଂଯୋଗ କରୁଥିବା ଡ୍ରେନରେ ଛଡାଯାଇଥିଲା । ଏହିପରି ଆଜି ପୂର୍ବାହ୍ନରେ ସହରର ବିଭିନ୍ନ ଡ୍ରେନ ଗୁଡିକର ଘୋଡଣି ବାହାର କରାଯାଇ ଜମା ହୋଇଥିବା ଅଳିଆ ଆବର୍ଜନା ସଫା କରିବା ପରେ ଜଳ ନିଷ୍କାସିତ ହୋଇଥିଲା।

# ଜଣେ ମାତ୍ର ଶିକ୍ଷକରେ ଚାଲିଛି ହାଇସ୍କୁଲ

କେନ୍ଦ୍ରାପଡ଼ା, ୨୯/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ପନ୍ଦରଶିଳା ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକ ଅଭାବକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଏନେଇ ପଂଚାୟତ ର ସମାଜସେବୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ନିବେଦନ କରିଛନ୍ତି । ଆଳି ବ୍ଲକ ନରେନ୍ଦ୍ରପୁର ପଂଚାୟତ ର ପନ୍ଦରଶିଳା ଉଚ୍ଚ ବିଦ୍ୟାଳୟ ରେ ସରକାରୀ ଅନୁମୋଦିତ ଶିକ୍ଷକ ୮ ଜଣ ରହିବା ପରିବର୍ତେ ଏବେ ଜଣେ ମାତ୍ର ଶିକ୍ଷକ ଅଛନ୍ତି । ଶତାଧିକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଅଧକ୍ଷନ କରୁଥିବା ବେଳେ ଶିକ୍ଷକ ଅଭାବ ହେତୁ ଏମାନଙ୍କର ପାଠପଢା ବ୍ୟାଘାତ ହେଉଛି ।

# ଛିନତାଇ ଗ୍ୟାଙ୍ଗକୁ ଧରିଲା ପୁଲିସ : ଫେରାର ୨ ଜଣଙ୍କୁ ଗିରଫ ସହ ବାଇକ ଜବତ

ବାରିପଦା, ୨୯/୦୮ (ନି.ପ୍ର): ବାରିପଦା ଟାଉନ ଥାନା ପୁଲିସ ଏକ ଛିନତାଇ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛନ୍ତି। ଦିନ ଦ୍ୱିପ୍ରହରରେ ମହିଳାଙ୍କ ଠାରୁ ସୁନାହାର ଛିନତାଇ ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ଯାଜପୁର ଜିଲ୍ଲାର ଜଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗ୍ରାମର ଭୋଳା ପ୍ରଧାନ(୨୫) ଓ ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ ବୀର ପୁରୁଷୋତମପୁର ଗ୍ରାମର ରାଜା ଶିକାରୀ(୨୩)। ଭୁଗୁଡାକଟା ଅଂଚଳର ରୀନାରାଣୀ ଦାଶଙ୍କ ବେକରୁ ସୁନା ହାର ଛିନତାଇ ଅଭିଯୋଗରେ ଗିରଫ ହୋଇଛନ୍ତି। ରୀନା ରାଣୀ ଦାଶ କୋଚିଂ ସେଂଟରରୁ ଘରକୁ ଫେରୁଥିବା ବେଳେ ବେଲଗଡ଼ିଆ ପ୍ୟାଲେସ (ରାଜପ୍ରାସାଦ) ନିକଟରେ ୪ ଜଣ ଦୁର୍ବୃତ ୨ଟି ନମ୍ବର ବିହୀନ ବାଇକରେ ଆସି ତାଙ୍କୁ ଅଟକାଇ ବେକରୁ ସୁନା ଚେନକୁ ଛିନତାଇ କରି ଚମ୍ପଟ ମାରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୯୦ ହଜାର ଟଙ୍କା ହେବ। ତେବେ ଏନେଇ ସେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସିସି ଟିଭି ଫୁଟେଜ ଯାଂଚ୍ କରିଥିଲେ । ଖବର ପାଇ ସିଭିଲ ଟିମ ଦୁର୍ବୃତ ମାନଙ୍କ ପିଛା କରି ବାରିପଦା ସହର ଠାରୁ ପ୍ରାୟ ୩୫ କିଲୋମିଟର ଦୂର ବେତନଟୀ ନିକଟରେ ଗୋଟିଏ ବାଇକକୁ ଅଟକାଇ ୨ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିବା ସମୟରେ ଅନ୍ୟ ବାଇକରେ ଦୁଇ ଜଣ ଚମ୍ପଟ ମାରିଥିଲେ। ପୁଲିସ ଛିନତାଇରେ ସାମିଲ ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି । ବାରିପଦା ସହରରେ ଛିନତାଇ ଘଟଣା ଗୁଡ଼ିକରେ ଏହି ଗ୍ୟାଙ୍ଗର ସମ୍ପୃକ୍ତି ରହିଛି ଅଥବା ଅନ୍ୟ କୌଣସି ଗ୍ୟାଙ୍ଗର ସେ ନେଇ ତଦନ୍ତ ଜାରି ରହିଛି।

# ନିମ୍ନମାନର କୋଇଲା ଚାଲାଣକୁ ନେଇ ଆଦାନୀ ଏବଂ ଟ୍ରକ ଟିପ୍ପର ସଂଘର ଆଲୋଚନା

ଭଦ୍ରକ, ୨୯/୦୮ (ନି.ପ୍ର): ଭଦ୍ରକ ଜିଲା ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ମନମାନୀରେ ଭଦ୍ରକ ଜିଲ୍ଲା ଟ୍ରକ ଟିପ୍ପର ସଂଘ କ୍ଷୁବ୍ଧ ହୋଇ ୨୯ତାରିଖରେ ଧାମରା ବନ୍ଦର ମୁଖ୍ୟ ଗେଟ ଆଗରେ ସମସ୍ତ ମାଲବାହୀ ରେଳ ଚଳାଚଳକୁ ବନ୍ଦ କରିବାକୁ ୮ଟି ସଂଘ ନିଷ୍ପତି ନେଇଥିଲେ। ଏ ନେଇ ସଂପୃକ୍ତ ସଂଘ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବା ପରେ ଦ୍ୱିପାକ୍ଷିକ ଆଲୋଚନା ହୋଇଯାଇଛି ଏବଂ ଏହି ଆନ୍ଦୋଳନ ବର୍ତମାନ ସ୍ଥଗିତ କରାଗଲା ବୋଲି ନିଷ୍ପତି ନିଆଯାଇଛି। ଏହି ଆଲୋଚନାରେ ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲ୍ଲା ଉପଜିଲ୍ଲାପାଳ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ଥିବା ବେଳେ ୮ଟି ଟ୍ରକ ଟିପ୍ପର ମାଲିକ ସଂଘ ଏବଂ ଧାମରା ବନ୍ଦର କର୍ତ୍ତୁପକ୍ଷ ମଧ୍ୟ ଏହି ଆଲୋଚନାରେ ଭାଗ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ୧୭ ତାରିଖ ଦିନ କିଛି ନିମ୍ନ ମାନର କୋଇଲା ଧାମରା ବନ୍ଦରରୁ ଝାରଖଣ୍ଡର ଛାଲିୟାମା ପ୍ଲାଂଟ ସାଇଟ (ରୁଙ୍ଗଟା ମାଇନ୍ସ)କୁ ଚାଲାଣ କରାଯାଇଥିଲା। ଏହି ସମସ୍ତ ଟ୍ରକ ମଧ୍ୟରୁ ୧୮ଟି ଟ୍ରକରେ ନିମ୍ନମାନର କୋଇଲା ଦର୍ଶାଇ ସଂପୃକ୍ତ କର୍ତ୍ତୁପକ୍ଷ (ରୁଙ୍ଗଟା ମାଇନ୍ସ) ଏହି ସମସ୍ତ ଟ୍ରକ ଚାଳକଙ୍କ ବିରୁଦ୍ଧରେ ନିକଟସ୍ଥ ଥାନାରେ ଏକି ଲିଖିତ ଅଭିଯୋଗ କରିବା ପରେ କେସ ମଧ୍ୟ ରୁଜୁ କରାଯାଇଥିଲା। ଫଳରେ ସଂପୃକ୍ତ ଭଦ୍ରକ ଜିଲ୍ଲା ମାଲିକଙ୍କ ଇଜ୍ଜତ ପଦରେ ପଡିଲା ଏଥିପାଇଁ ୮ଟି ସଂଘ ଏକତ୍ରିତ ହୋଇ ଧାମରା ବନ୍ଦର ମନମାନୀରେ ରେଳ ଚଳାଚଳବନ୍ଦ କରିବାକୁ ଡାକରା ଦେଇଥିଲେ। ଆଜି ହୋଇଥିବା ଆଲୋଚନାରେ କୌଣସି କଥାର ସୁସମାଧାନ ହୋଇ ନଥିବା ବେଳେ ଏକ ଟେକନିକାଲ ଟିମ ଗଠନ ହୋଇ ୧୮ଟି ଟ୍ରକରେ କିପରି ନିମ୍ନ ମାନର କୋଇଲା ଚାଲାଣ କରାଗଲା ସେ ନେଇ ରିପୋର୍ଟ ପ୍ରଦାନ କରାଯିବ। ଏହି ଟିମରେ ଜିଲ୍ଲା ପ୍ରଶାସନ, ମାଲିକ ସଂଘ ଏବଂ ବନ୍ଦର କର୍ତ୍ତୁପକ୍ଷ ସାମିଲ ହେବେ ବୋଲି ନିଷ୍ପତି ହୋଇଛି। ମାତ୍ର ଜବତ ହୋଇଥିବା ୧୮ଟି ଟ୍ରକ ବିରୁଦ୍ଧରେ ହୋଇଥିବା କେସରେ ମାଲିକ ମାନେ କାହିଁକି ଖର୍ଚାନ୍ତ ହେବେ ,ଏହି କେସରେ ଯାହା ଖର୍ଚ ହେବ ସେଥିପାଇଁ ବନ୍ଦର କର୍ତ୍ତୁପକ୍ଷ ଦାୟୀ ରହିବେ ବୋଲି ଟ୍ରକ ମାଲିକ ସଂଘ ପ୍ରଶ୍ନ ଉଠାଇଥିଲେ। ଏଭଳି ପରିସ୍ଥିତିରେ ସମସ୍ତ କଥାର ସମାଧାନ ହୋଇ ନଥିବା ବେଳେ ବନ୍ଦର କର୍ତ୍ତୁପକ୍ଷ ସମସ୍ତ ଟ୍ରକ ମାଲିକ ସଂଘକୁ ବନ୍ଦର ଭିତରେ ଲୋଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଆଗାମୀ ଦିନରେ ଏହି ନିମ୍ନ ମାନର କୋଇଲା କେଉଁଠାରୁ ଆସୁଛି ଅଥବା କୌଣସି ଟ୍ରକ ଚାଳକ ଲୋଭରେ ଏପରି କରୁଛନ୍ତି ଅଥବା ବନ୍ଦର କର୍ତ୍ତୁପକ୍ଷ ଜାଣିଶୁଣି ଏହା କରୁଛନ୍ତି ତାହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇ ପଡିଛି। ତୁରନ୍ତ ଏହି ସମସ୍ତ ସମସ୍ୟାର ସମାଧନ କରିବାକୁ ଜିଲ୍ଲା ପ୍ରଶାସନ,ବନ୍ଦର କର୍ତ୍ତୁପକ୍ଷ ଏବଂ ଟେକନିକାଲ ଟିମ ଏକତ୍ରିତ ହୋଇ ଏହାର ସମାଧାନ କରିବା ଜରୁରୀ ହୋଇ ପଡିଛି ବୋଲି ଟ୍ରକ ମାଲିକ ସଂଘ ଦାବୀ କରିଥିଲେ।

# ଧାରଣା ପାଇଁ ଆଶାକର୍ମୀଙ୍କ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୯/୦୮ (ନି.ପ୍ର): ନିଖିଳ ଓଡିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ୬ ଦଫା ଦାବି ନେଇ ଧାରନା ଦେବାକୁ ନିଷ୍ପତି ନିଆଯାଇଛି । ଏନେଇ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବି ରମଣୀ ରଂଜନ ରାଉତ ରାୟଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଶାକର୍ମୀଙ୍କର ମାସିକ ପାରିଶ୍ରମିକ ପ୍ରଥମ ସପ୍ତାହରେ ପ୍ରଦାନ କରାଯିବା, ଆଶାକର୍ମୀଙ୍କ ପ୍ରତି ଖରାପ ବ୍ୟବହାର ବନ୍ଦ କରିବା, ମୃତ୍ୟୁକାଳୀନ ସହାୟତା ପଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ମାସିକ ଦରମା ୨୬ ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି ଗୁଡିକ ରହିଛି । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଶତାଧିକ ଆଶାକର୍ମୀ ଉପସ୍ଥିତ ଥିଲେ ।

# ଦୁଇଟି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଧର୍ମଶାଳା, ୨୯/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତ ବଡମଙ୍ଗଳପୁର ଗଡାସ୍ଥିତ ଦୁଇ ଗୋଟି ଦୋକନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ବଡମଙ୍ଗଳପୁର ଗ୍ରାମର ମଦନ ମୋହନ ନାୟକ ନିଜ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମୁଣ୍ଡରେ ନିଜ ଜାଗାରେ ଘର କରି ସିମେଂଟ ଦୋକାନ କରିବା ସହ ଏକ ଦୋକାନ ଘରକୁ ଭଡା ସୂତ୍ରରେ ସ୍ଥାନୀୟ ଚୋରମୁହାଁ ଗ୍ରାମର ମନୋଜ କୁମାର ମହାରଣାଙ୍କୁ ଦେଇଛନ୍ତି । ମଦନ ନିଜେ ସେଠାରେ ଏକ ସିମେଂଟ ଦୋକାନ କରିଥିବା ବେଳେ ଭଡାସୁତ୍ରରେ ଘର ନେଇଥିବା ମନୋଜ ଏକ ଫଣିଚର ତିଆରୀ ଦୋକାନ କରିଛନ୍ତି । ତେବେ ଗତକାଲି ଉଭୟ ଦୋକାନୀ ଦୋକାନ ବନ୍ଦ କରି ରାତିରେ ଘରକୁ ଯାଇଥିବା ବେଳେ କେହି ଦୃର୍ବୃତ ଗତକାଲି ବିଳମ୍ବିତ ରାତିରେ ସିମେଂଟ ଦୋକାନ ଗ୍ରିଲର ତାଲା ଭାଙ୍ଗି ଦୋକାନରେ ପସି ୨୦ ହଜାର ଟଙ୍କା କ୍ୟାସ ଚୋରି କରିବା ସହ ସେଠାରେ ଥିବା ଫଣିଚର୍ସ ଦୋକାନରେ ଚାବି ଆଣି ଦୋକାନ ଖୋଲି ଲକ୍ଷାଧିକ ଟକା ମୁଲ୍ୟର ବିଭିନ୍ନ ଇଲେକ୍ଟ୍ରି କଲର ମେସିନ ସାଇଁଣ୍ଡର , ଡ୍ରିଲ ମେସିନ ଓ ରନ୍ଦା ମାରିବା ମେସିନ ଆଦି ବିଭିନ୍ନ ହତିଆର ଚୋରୀ କରି ନେଇଛନ୍ତି । ଆଜି ସକାଳେ ଏହା ଜଣାପଡିବା ପରେ ଉଭୟ ଦୋକାନୀ ମଦନ ଓ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ୫୩୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ତେବେ ବାରମ୍ବାର ଧର୍ମଶାଳା ଅଂଚଳରେ ଏଭଳି ଚୋରୀ ବୃଦ୍ଧି ପାଉଥିବା ବେଳେ ଚୋରକୁ ଧରିବାରେ ପୁଲିସ ସକ୍ଷମ ହୋଇପାରୁ ନାହିଁ । ଫଳରେ ଚୋରମାନଙ୍କ ମନୋବଳ ବୃଦ୍ଧି ପାଉଥିବା ବେଳେ ବାରମ୍ବାର ଏଭଳି ଭାବେ ଚୋରୀ ବଢିବାରେ ଲାଗିଛି ।

# ବୈତରଣୀ ନଦୀର ବନ୍ୟାପାଣି କମୁଛି : ବିପନ୍ନଙ୍କ ଦୁର୍ଦ୍ଦଶା ବଢୁଛି, ପାନୀୟ ଜଳ ଅଭାବରୁ ଦୂଷିତ ନଳକୂପ ପାଣିରେ ମେଂଟୁଛି ଶୋଷ

ଭଦ୍ରକ, ୨୯/୦୮ (ନି.ପ୍ର): ବୈତରଣୀରେ ଆସିଥିବା ବନ୍ୟା ଦୀର୍ଘ ୬ଦିନ ଧରି ତା'ର କରାଳ ରୂପ ଦେଖାଦେବା ପରେ ଗତ ବୁଧବାରଠାରୁ କମିବାରେ ଲାଗିଛି। ଫଳରେ ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତରେ ୨୦ ଗାଁ ପ୍ରଭାବିତ ହୋଇଛି। କ୍ଷେତ ଓ ପଥରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଏବେବି ଅନେକ ଗାଁ ଲୋକମାନେ ପାଣିରେ ପଶି ଯାତାୟତ କରୁଛନ୍ତି। ୬ଦିନ ହେଲା ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି। ତାହା ଶହ ବେଶି ପ୍ରଭାବିତ ହୋଇଛନ୍ତି ଗୃହପାଳିତ ପଶୁ। ଦୀର୍ଘ ୬/୭ଦିନ ଧରି ଗାଁ ଦାଣ୍ଡ ଓ ନଦୀବନ୍ଧର ଆଶ୍ରୟ ନେଇଛନ୍ତି। ସେହିପରି ବନ୍ୟାର ୫ଦିନ ପରେ ଜିଲା ପ୍ରଶାସନ ଅଧିକାରୀ ବନ୍ୟାଂଚଳକୁ ଯାଇ ବିପନ୍ନଙ୍କୁ ଭେଟିବା ସହ ଜଳବନ୍ଦି ହୋଇ ରହିଥିବା ବିପନ୍ନ ମାନଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଇଥିଲେ ମଧ୍ୟ ଗୋଟିଏ ଓଳି ରନ୍ଧାଖାଦ୍ୟ ଦେଇ ପ୍ରଶାସନ ତା'ର କାମ ସାରିଛି। ଏପରିକି ବନ୍ୟାର ୫ଦିନ ପରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିବାରୁ ବହୁ ବିପନ୍ନ ଖାଦ୍ୟ ଗ୍ରହଣ ନକରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପାଣି ଛାଡିବା ଯାଏଁ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଭଦ୍ରକ ଜିଲାପାଳ ଦିଲିପ ରାଉତରାୟ ପ୍ରେସ୍ ବିବୃତି ଦେଇଥିଲେ। ହେଲେ ଏପଟେ ବିପନ୍ନ ଭୋକ ଉପାସରେ ସ୍କୁଲ ଘରେ ଦୀର୍ଘ ୫ଦିନ ରହିବା ପରେ ବନ୍ୟାପାଣି କମିବାରୁ ନିଜ ଘରକୁ ଫେରି ସଜାଡୁଛନ୍ତି। ବନ୍ୟାପାଣି ଗାଁ ଦାଣ୍ଡ ଓ ଘରେ ପଶିବାରୁ ବେଶି ପ୍ରଭାବିତ ହୋଇଛି କଚାଘର। କେଉଁଠି ପାଣି ପଶି କାନ୍ଥ ଭୁଶୁଡ଼ି ପଡ଼ିଛି ତ ଆଉ କେଉଁଠି ଘରର ଆସବାବପତ୍ର ଓ ଦରକାରୀ କାଗଜପତ୍ର ବତୁରିଯାଇ ନଷ୍ଟ ହୋଇଯାଇଛି। ଏପରିକି ବନ୍ୟାଂଚଳରେ ଅଧିକାଂଶ ନଳକୂପ ବୁଡିଯାଇଥିବାରୁ ବିପନ୍ନମାନେ ଶୋଷ ମେଂଟାଇବା ପାଇଁ ନଳକୂପର ଦୂଷିତ ପାଣି ପିଉଛନ୍ତି।

# ଧାମରାରେ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ଏବଂ ଅମୃତା ଦେବୀ ବଳିଦାନ ଦିବସ ପାଳିତ

ଭଦ୍ରକ, ୨୯/୦୮ (ନି.ପ୍ର): ଏହି ଜିଲାର ଧାମରା ଠାରେ ଭାରତୀୟ ମଜଦୁର ସଂଘ ଏବଂ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ଏବଂ ଅମୃତା ଦେବୀ ବଳିଦାନ ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ଭାରତୀୟ ମଜଦୁର ସଂଘ ଏବଂ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ମା ପାଇଁ ଗଛଟିଏ ଅଭିଯାନରେ ଧାମରା, ଦୋସିଙ୍ଗା ଅଂଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ହୋଇଥିବା ସଭାରେ ଧାମରା ବନ୍ଦର କର୍ମଚାରୀ ସଂଘର ସଭାପତି ଶାନ୍ତନୁ ମହାପାତ୍ର ରାଜସ୍ଥାନର ଯୋଧପୁର ଅଂଚଳର ଅମୃତା ଦେବୀ ରାଜାଙ୍କ ପ୍ରକୋପରୁ ବୃକ୍ଷରାଜିକୁ ରକ୍ଷା କରିବା ପାଇଁ ନିଜ ଜୀବନ ସହ ନିଜର ୩ କନ୍ୟା ସନ୍ତତିଙ୍କ ଜୀବନକୁ ବଳିଦାନ ଦେଇଥିଲେ ସେହି ବିଷୟରେ ସାର ଗର୍ଭକ ଭାଷଣ ଦେଇଥିଲେ। ପରେ ଅନ୍ୟ ମାନଙ୍କ ମଧ୍ୟରେ ଧାମରା ବନ୍ଦର କର୍ମଚାରୀ ସଂଘର ସହ ସଭାପତି ମନୋଜ କୁମାର ବସନ୍ତ ରାୟ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ର ଶେଖର ଜେନା, ବିପିନ ବେହେରା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିବା ସହ ଧାମରା ଅଂଚଳ ନୁହେଁ ସାରା ବିଶ୍ୱକୁ ସବୁଜ ବନାନୀ କରିବା ପାଇଁ ନିଜ ନିଜ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ। ହୋଇଥିବା ବୃକ୍ଷ ରୋପଣ ଏବଂ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମନୋଜ ଲେଙ୍କା,ବିଜୟ ପ୍ରତାପ ଜେନା, ଲକ୍ଷ୍ମୀକାନ୍ତ ଦାସ, ଅଭିମନ୍ୟୁ ଜେନା, ପ୍ରଦ୍ୱୀପ ସେଠୀ, ପ୍ରଦ୍ୱୀପ ସାହୁ, ପ୍ରଦ୍ୱୀପ ରାଉତ, ଶୁଭେନ୍ଦୁ ନାୟକଙ୍କ ସମେତ ଭାରତୀୟ ମଜଦୁର ସଂଘ ଏବଂ ଧାମରା ବନ୍ଦର କର୍ମଚାରୀ ସଂଘର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ସେଷରେ ଚନ୍ଦ୍ର ଶେଖର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମେଡିକାଲର ମୁଖ୍ୟ ରାସ୍ତା ଉପରେ ମେସିନ ରଖି ରାସ୍ତା ଅବରୋଧ

କେନ୍ଦ୍ରାପଡ଼ା, ୨୯/୦୮ (ନି.ପ୍ର): କେନ୍ଦ୍ରାପଡା ପୁରୁଣା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ରାସ୍ତା ଉପରେ ମିକ୍ସଚର ମେସିନ ଓ ଚେକେନ ଦୋକାନ, କେବିନ ରଖି ରାସ୍ତାକୁ ଅବରୋଧ କରାଯାଇଛି । ଏହି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ରୋଗୀକୁ ନେଇ ଯାତାୟତ କରୁଥିବା ୪ ଚକିଆ ଯାନ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ଯାତାୟତ କରୁଥିବା ବେଳେ ମୁଖ୍ୟ ରାସ୍ତାକୁ ଅବରୋଧ କରି ଥିବାରୁ ରୋଗୀଙ୍କ ଗାଡି ଘଂଟା ଘଂଟା ଧରି ଛିଡା ହେଉଛି। ଯାହା ଫଳରେ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାତାୟତ କରୁଥିବା ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ମିକ୍ସଚର ମେସିନ ଓ ଚେକେନ ଦୋକାନ, କେବିନ କୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି।

# ମୋବାଇଲ ଲୁଟ ଅଭିଯୋଗ

ଜୟପୁର, ୨୯/୦୮ (ନି.ପ୍ର): ଜୟପୁର ସଦରଥାନା ଅନ୍ତର୍ଗତ କଙ୍ଗା ଗ୍ରାମପଂଚାୟତର ଶିବଗୁଡା ଗ୍ରାମର ଦୁଇଜଣ ଯୁବକଙ୍କ ମୋବାଇଲ ଲୁଟ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଗତ କାଲି ଶିବଗୁଡା ଗ୍ରାମର ଇନ୍ଦ୍ର ରଣା ଏବଂ ତାଙ୍କ ସାଙ୍ଗ ଇଶ୍ୱର ଗାଦବା କେନାଲ ନିକଟକୁ ଗାଧୋଇବାକୁ ଯାଇଥିବା ସମୟରେ କେନାଲ ରାସ୍ତାରେ ଦୁଇଟି ମୋଟର ସାଇକଲରେ ୬ଜଣ ଯୁବକ ଆସି ଛୁରି ଦେଖାଇ ଦୁଇଟ ମୋବାଇଲ ଲୁଟି ନେଇଥିଲେ। ବର୍ଷା ହେଉଥିବା ଯୋଗୁଁ ସେମାନଙ୍କୁ ଧରିବାରେ ଅସଫଳ ହୋଇଥିଲେ। ବାଇକ ନମ୍ବର ପ୍ଲେଟରେ କପଡା ବାନ୍ଧିଥିବା ଯୋଗୁଁ ନମ୍ବର ଜାଣି ପାରିନଥିବା ଇନ୍ଦ୍ର ରଣା ସଦରଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତିକରି ସଦର ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଏସଆଇ ପଙ୍କଜିନି ଶବର ପ୍ରକାଶ କରିଛନ୍ତି।

# ନିର୍ଦ୍ଦୋଷ ପୁଅକୁ ଛାଡିବା ପାଇଁ ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଦାବି

କେନ୍ଦ୍ରାପଡ଼ା, ୨୯/୦୮ – କେନ୍ଦ୍ରାପଡା ଜିଲ୍ଲା ତନ୍ତିଆପାଳ ମେରାଇନ ଥାନା ଅନ୍ତର୍ଗତ ହରିଅଣ୍ଟା ଗ୍ରାମର କମଳା ମଳିକ ଓ ଭିନ୍ନକ୍ଷମ ଉଚ୍ଛବ ମଳିକଙ୍କ ପୁଅ ସଚ୍ଚିକାନ୍ତ ମଳିକଙ୍କୁ ସ୍ଥାନୀୟ ଅଂଚଳର କେତେକ ବ୍ୟକ୍ତି ମାଡମାରି ଆହତ କରିଥିଲେ। ଥାନା ଅଧିକାରୀ ଅଭିଯୁକ୍ତ ମାନଙ୍କୁ ଗିରଫ ନକରି ମାଡ ଖାଇଥିବା ସଚ୍ଚିକାନ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସମୟରେ ସଚ୍ଚିକାନ୍ତ ଥାନାରେ ରକ୍ତବାନ୍ତି କରିବାରୁ ଥାନା ଅଧିକାରୀ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଉଦ୍‌ବେଗ ଜନକ ହେବାରୁ ତାଙ୍କୁ କଟକ ବଡ ମେଡିକାଲ କୁ ନେବା ପରିବର୍ତେ ତାଙ୍କ ଘରେ ଛାଡି ଦେଇଥିଲେ। ପରିବାର ଲୋକ ତାଙ୍କର ଚିକିତ୍ସା କରଇ ଘରକୁ ଆସିବା ପରେ ତଙ୍କୁ ପୁନର୍ବାର ଗିରଫ କରି କୋର୍ଟ ଚାଲାଣ କରିଥିବା ପରିବାର ପକ୍ଷରୁ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଓ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ତାଙ୍କ ପୁଅକୁ ଛାଡିବା ସହିତ ମାଡ ମାରିଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

# ଶ୍ରୀପର୍ଣ୍ଣା ସାହିତ୍ୟ ସଂସଦ ଓ ଶ୍ରୀପର୍ଣ୍ଣା ପ୍ରକାଶନୀର ସାରସ୍ୱତ ଆସର

ପୁରୀ, ୨୯/୦୮ (ନି.ପ୍ର): ଶ୍ରୀପର୍ଣ୍ଣା ସାହିତ୍ୟ ସଂସଦ ଓ ଶ୍ରୀପର୍ଣ୍ଣା ପ୍ରକାଶନୀ, ପୁରୀ ଆନୁକୂଲ୍ୟରେ ଏକ ମନୋଜ୍ଞ ସାରସ୍ୱତ ଆସର ଗୁରୁବାର ଦିନ ଚକ୍ରତୀର୍ଥ ରୋଡ ସ୍ଥିତ ଯୁଥ ହଷ୍ଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆସରରେ ପୁସ୍ତକ ଉନ୍ମୋଚନ, ଲୋକାର୍ପଣ, ଆଲୋଚନା ଓ ଅନୁପମ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଡ଼କ୍ଟର ପ୍ରଭାକର ତ୍ରିପାଠୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଲେଖକ, ଅନୁବାଦକ, ଗାଳ୍ପିକ, ଔପନ୍ୟାସିକ ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନୁହୁର),ମୁଖ୍ୟ ବକ୍ତା ଭାବେ ଶିଶୁ ସାହିତ୍ୟିକ ଡ଼କ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଡ଼କ୍ଟର ଦିଲୀପ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ମଙ୍ଗରାଜ,ଅନୁଷ୍ଠାନର ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମଂଚ ସଂଯୋଜକ କବି ପୁରୁଷୋତମ ନନ୍ଦ, କବୟିତ୍ରୀ ସୁଜାତା ସିହ୍ନା, ଗୌରାଙ୍ଗ ଚରଣ ଦାସ ଏବଂ ସମ୍ପାଦକ ଉମାକାନ୍ତ ମହାପାତ୍ର ଯୋଗଦେଇ କବିତାରେ କିପରି ଅନ୍ତର ଆତ୍ମା ର ଭାବ ପରିପ୍ରକାଶ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ପରେ ପରେ ସମ୍ପାଦକ ଉମାକାନ୍ତ ମହାପାତ୍ର ଓ ପରିଚାଳନା ସମ୍ପାଦିକା ସୁଜାତା ସିହ୍ନା ଅତିଥି ମାନଙ୍କୁ ଉତରୀୟ, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ କବି ଉମାକାନ୍ତ ମହାପାତ୍ରଙ୍କ କବିତା ସଂକଳନ ଅସମର୍ଥ ଉଚ୍ଚାରଣ, ଅନାବୃତ ଅହଙ୍କାର, ଅର୍ଥମୟ ଅବଶୋଷ, ଶ୍ରୀପର୍ଣ୍ଣା ସାହିତ୍ୟ ପତ୍ରିକା ଏବଂ ସୁଜାତା ସିହ୍ନାଙ୍କ ଅନୁବାଦିତ ବଙ୍ଗଳାଦେଶର ପ୍ରସିଦ୍ଧ ଔପନ୍ୟାସିକ ହୁମାୟୁନ ଆହମେଦଙ୍କ ଉପନ୍ୟାସ ସମୁଦ୍ର ବିଳାସ ଓ ମୌଳିକ ଶିଶୁ କିଶୋର ଉପନ୍ୟାସ ଦେବଦୂତ ଉନ୍ମୋଚନ, ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ଏହାପରେ ଅନୁଷ୍ଠାନକୁ ବହୁ ଭାବରେ ଉଦ୍ଭାସିତ କରିଥିବା କବି ସୁଜାତା ସିହ୍ନା ଓ ଗୌରାଙ୍ଗ ଚରଣ ଦାସଙ୍କୁ ମାନପତ୍ର ଓ ଗଜାନନଙ୍କ ରୌପ୍ୟମୂର୍ତି ପ୍ରଦାନ କରି ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ମଧ୍ୟାହ୍ନ ଭୋଜନ ବିରତି ପରେ ଅପରାହ୍ନରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବୀ ସୁଜାତା ସିହ୍ନା ଅଧ୍ୟକ୍ଷତା କରିବା ସହିତ କବୀ ମମତା ଦାସ ଓ କବି ପ୍ରବାସିନୀ ମିଶ୍ରଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା । ଗୀତି କବି ବିଜୟ କୁମାର ପଣ୍ଡା, ବିଶିଷ୍ଟ ଶିଶୁ ଲେଖକ ରାଇମୋହନ ମହାନ୍ତି ସମ୍ମକ୍ଷନିତ ଅତିଥି ଭାବରେ ଯୋଗଦେଇ ଏହି ସଭାରେ କବିତା ପାଠ କରିଥିବା ସମସ୍ତ କବି, କବୟିତ୍ରୀ ମାନଙ୍କୁ ସମ୍ମାନ ସନନ୍ଦ ଦେଇ ସମ୍ମକ୍ଷନିତ କରିଥିଲେ । ଏହି କାବ୍ୟୋତ୍ସବରେ ବିଶିଷ୍ଟ ଗୀତିକବି ବିପିନ ମହାନ୍ତି, କବି ପୂର୍ଣଚନ୍ଦ୍ର ମହାରଣା, ଜୟନ୍ତୀ ନନ୍ଦ, କଳ୍ପନା ମିଶ୍ର, ମହେନ୍ଦ୍ର କୁମାର ଦାଶ, ସ୍ୱର୍ଣ୍ଣଲତା ତ୍ରିପାଠୀ, ଡ଼କ୍ଟର ସସ୍ମିତା ମିଶ୍ର, ପୌର୍ଣ୍ଣମାସୀ ଦେବୀ, ଅନ୍ତର୍ଯ୍ୟାମୀ ମିଶ୍ର, ବିଜୟ ଲକ୍ଷ୍ମୀ ଦାଶ ମିଶ୍ର, ରଜତ କୁମାର ମହାନ୍ତି, ଅଶୋକ କୁମାର ମିଶ୍ର, ରଶ୍ମିତା ବେହେରା, ପର୍ଶୁରାମ ପାତ୍ର, ଦେବସ୍ମିତା ପ୍ରଧାନ, ନୀଳମଣି ସୁଆର, ଅଜୟ କୁମାର ସେଠୀ, ଅରୁଣା କର ମହାପାତ୍ର, ଗୀତା ପଟ୍ଟନାୟକ, ବିପିନ ବିହାରୀ ନାୟକ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ବିପିନ ବିହାରୀ ଦଳାଇ, ରମେଶ ଚନ୍ଦ୍ର ଦାଶ, କାଶୀନାଥ ମହାପାତ୍ର, ସୁବାସ ଚନ୍ଦ୍ର ପରିଡା, ସଞ୍ଜୟ କୁମାର ବରାଳ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ । ପରିଶେଷରେ ଅନୁଷ୍ଠାନର ସଂଯୋଜକ ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିନ୍ନ ଢଙ୍ଗରେ ଗଣେଶ ପୂଜା ସହିତ ନୂଆଖାଇ ଭେଟଭାଟ ପାଳନ କଲେ ନୃତ୍ୟଶିଖା ଫାଉଣ୍ଡେସନ



ଜଳେଶ୍ୱର, ୨୯/୮ (ନି.ପ୍ର): ବର୍ଷର ଛ ଋତୁରେ ପ୍ରକୃତିର ବିବିଧ ପରିବର୍ତ୍ତନକୁ ମାନବଜାତି ବିଭିନ୍ନ ପର୍ଯ୍ୟାୟରେ ସ୍ୱାଗତ କରିଥାଏ। ଋତୁଚକ୍ରକୁ ନେଇ ଜୀବନ ଚକ୍ର ପରିଚାଳନା କରିବା ହିଁ ଭାରତୀୟ ସଂସ୍କୃତିର ଆଧାର।ବହୁ ଶତାବ୍ଦୀ ଧରି ପାଳିତ ହୋଇ ଆସୁଥିବା ଏହି ପର୍ବ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ନୁହେଁ ସମଗ୍ର ଓଡ଼ିଶା ପାଇଁ ପାଲଟିଛି ଏକ ପରିଚୟ।ପରମ୍ପରା, ଖାଦ୍ୟ, ପାରିବାରିକ ସମାବେଶ,ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ଆଦି କେବଳ ଉତ୍ସବର ଗୋଟିଏ ଦିଗ ନୁହେଁ ଭାଇଚାରା ସଂସ୍କୃତିର ଅନନ୍ୟ ପ୍ରତିଫଳନ। ନୂଆଁଖାଇ ପର୍ବ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇବା ସହ ଲୋକଙ୍କ ମଧ୍ୟରେ ମାନବିକତା ଓ ଭାତୃତ୍ୱ ଭାବନା ସୃଷ୍ଟି କରିଥାଏ।ଏହି ଉପଲକ୍ଷେ ଜଳେଶ୍ୱର ନୃତ୍ୟଶିଖା ଫାଉଣ୍ଡେସନ୍ ପକ୍ଷରୁ ଜଳେଶ୍ୱର ଏନ୍ ଏଚ ୬୦ ପାର୍ଶ୍ୱରେ ଥିବା ଖୁଶି ହୋଟେଲ ପରିସରରେ ଭିନ୍ନ ଢଙ୍ଗରେ ଗଣେଶ ପୂଜା ସହିତ ନୂଆଖାଇ ଭେଟଭାଟ ପାଳନ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ନୃତ୍ୟ ଗୁରୁ ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପୌରପରିଷଦର ଅଧକ୍ଷ ପ୍ରତିପ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ରାଜ ଇଲେକ୍ଟ୍ରୋନିକ୍ସର ପ୍ରତିଷ୍ଠାତା ଗିରିଜା ଶଙ୍କର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନୃତ୍ୟଶିଖା ଫାଉଣ୍ଡେସନର ଏହି ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ। କାଉନସିଲର ଚନ୍ଦନ କୁମାର ଦାସ ଓ ସୁରଜ ଚୌରାଶିଆ,ମେ ଆଇ ହେଲ୍ପ ୟୁ ର ପ୍ରତିଷ୍ଠାତା ଜଗନ୍ନାଥ ପରିଡ଼ା, ସାମ୍ବାଦିକ ମନୋଜ କୁମାର ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ଉତ୍ସବରେ ପ୍ରାୟ ୮୦ ଜଣ ଓଡିଶୀ ଓ ଅନ୍ୟାନ୍ୟ ନୃତ୍ୟଶିଳ୍ପୀ ଯଥା ଓଡ଼ିଶୀ, ସମ୍ବଲପୁରୀ, ଦେଶାତ୍ମବୋଧକ, ଭଜନ, ସେମି କ୍ଲାସିକାଲ, ଆଧୁନିକ ନୃତ୍ୟ ପରିବେଶଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମଟି ନୃତ୍ୟଶିଖା ଫାଉଣ୍ଡେସନ୍ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ହୋଇଥିବାବେଳେ ଅନୁଷ୍ଠାନର ଅବିଭାବକ ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସୁଚାରୁ ରୂପେ ପରିଚାଳନା ହୋଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ନୃତ୍ୟ ଶିଳ୍ପୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା।

# ୪ ମାସ ହେବ ତହସିଲଦାର ପଦବୀ ଖାଲି: ଉପଯୁକ୍ତ ସୁବିଧା ପାଇବାରୁ ଛାତ୍ରଛାତ୍ରୀ ବଞ୍ଚିତ

ବୈଶିଙ୍ଗା , ୨୯/୮ (ନି.ପ୍ର): ମୟୂରଭଞ୍ଜ ଜିଲାର ସଦର ସବ ଡିଭିଜନ ଅଧିନରେ ବେତନଟୀ ତହସିଲ ଓ ବ୍ଲକ ର ପ୍ରଶାସନିକ ସେବା ଯେପରି ଗୁରୁତ୍ୱପୂର୍ଣ୍ଣ ସେହି ପରି ମଧ୍ୟ ସମ୍ବେଦନଶୀଳ । ଏହି ତହସିଲ ଅଧିନରେ ମୋଟ ୨୪ ଟି ଗ୍ରାପ ଥିବା ବେଳେ ୧୧ ଟି ଆର ଆଇ ସର୍କଲ ରହିଛି। ଏହା ସହିତ ଏଠାରେ ଉପ ନିବନ୍ଧକ ଙ୍କ କାର୍ଯ୍ୟାଳୟ ( ସବ ରେଜିଷ୍ଟର ) ଥିଲେ ବି ଏଠାରେ ଗତ ଦୁଇ ବର୍ଷ ରୁ ଉର୍ଦ୍ଧ୍ୱ ହେବ ଏହି କାର୍ଯ୍ୟାଳୟ ର ଉପ ନିବନ୍ଧକଙ୍କ ପଦବୀ ଖାଲି ପଡି ଥିବାରୁ ଏଠାକାର ତହସିଲଦାର ପଦବୀ ଖାଲି ପଡି ଥିବାବେଳେ ୨ ଜଣ ଅତିରିକ୍ତ ତହସିଲଦାର ଙ୍କ ମଧ୍ୟରୁ ଜଣେ ମାତ୍ର ଥିବା ଅତିରିକ୍ତ ତହସିଲଦାର ଉଭୟ ପଦବୀର କାର୍ଯ୍ୟ ସହିତ ଉପ ନିବନ୍ଧକଙ୍କ କାର୍ଯ୍ୟ ତୁଲାଉ ଥିବାରୁ ନାହିଁ ନଥିବା ପରିସ୍ଥିତି ଉପୁଜୁଛି । ବେତନଟୀ ଏକ ବ୍ୟବସାୟୀକ ପେଣ୍ଠ ହୋଇଥିବା ହେତୁ ଅଧିକ ଜମି କିଣା ବିକା ହୋଇଥାଏ । ବୃହତ ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ସହିତ ସରକାରଙ୍କର ବହୁ ବିଧ ଯୋଜନା ବ୍ଲକ ଓ ତହସିଲ ଅଧୀନରେ ଚାଲିଥିବା ହେତୁ ପ୍ରତିଦିନ ଏହି ତହସିଲରେ ଜନ ସମାଗମ ବଢିଥାଏ ଓ ଏପରିକି ଛାତ୍ର ଛାତ୍ରୀ ମାନଙ୍କର ଏବଂ ଚାକିରୀ ଆବେଦନ ପାଇଁ ବିଭିନ୍ନ ପ୍ରମାଣ ପତ୍ର ପାଇଁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହୋଇଥିଲେ ବି ସରକାରଙ୍କ ଧାର୍ଯ୍ୟ ସମୟ ସୀମା ଅବଧି ମଧ୍ୟରେ ଏହା ମିଳି ପାରୁ ନ ଥିବା ଯୋଗୁଁ ଆବେଦନକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ମଧ୍ୟ ସିଭିଲ ମାମଲା ପାଇଁ ଆବଶ୍ୟକ ସାର୍ଟିଫାଏଡ କପି ଏଠାରେ ଜେଏମଏଫସି କୋର୍ଟ ଥିବା ହେତୁ ଠିକଣା ସମୟରେ ଆବେଦନକାରୀ ମାନେ ପାଇ ନ ପାରି କୋର୍ଟରେ ସମୟ ନେବାକୁ ବାଧ୍ୟ ହେଉଛନ୍ତି । ତହସିଲଦାର ପଦବୀ ଖାଲି ପଡି ଥିବା ଯୋଗୁ ବେତନଟୀ ବ୍ଲକ ର ବିଡିଓ ଏହି ତହସିଲର ତହସିଲଦାର ଦାୟିତ୍ୱରେ ମଧ୍ୟ ଅଛନ୍ତି । ଜଣେ ଅଧିକାରୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ହେତୁ ତହସିଲ କାର୍ଯ୍ୟାଳୟର ଅନେକ ବିଭାଗର କାମ ଠିକଣା ସମୟରେ ହୋଇ ପାରି ନ ଥିବା ଯୋଗୁଁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ସାଧାରଣ ଲୋକେ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହୋଇ ତହସିଲ ଓ ସବ ରେଜିଷ୍ଟ୍ରାର ଅଫିସ କର୍ମଚାରୀ ମାନଙ୍କ ଦ୍ୱାରା ଶୋଷିତ ହେଉଥିଲେ ବି ସେମାନଙ୍କୁ ଆର୍ଥିକ ଶୋଷଣ ରୁ ରକ୍ଷା କରିବା ପାଇଁ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଆଗେଇ ଆସୁ ନ ଥିବା ହେତୁ ଗଣମାଧ୍ୟମ ହିଁ ଏକ ମାତ୍ର ଭରସା ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ପ୍ରକାଶିତ ସମ୍ବାଦ ଉପରେ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣ ଲୋକେ ହତାଶ ହେଉଥିବା ଜଣାଯାଇଛି । ବେତନଟୀ ବିଡିଓ ସହିତ ତହସିଲଦାରଙ୍କୁ ତହସିଲ ଅଫିସରେ ଆବେଦନକାରୀ ଭେଟ ପାଇ ନ ପାରି ତାଙ୍କର ଦୁଃଖ ଜଣାଇ ପାରୁ ନ ଥିବା ଯୋଗୁଁ ଏହା କଣ ଡବଲ ଇଞ୍ଜିନ ସରକାର ର ବିକାଶ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁଇମାସ ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ତହସିଲ ରେ ତହସିଲଦାର ପଦବୀ ପୂରଣ କରିଥିବା ବେଳେ ବେତନଟୀ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ସହିତ ରାଜସ୍ୱ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଏସ୍.ଇ. ରେଳବାଇ - ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/୨୦୨୫/୨୮, ତାରିଖ: ୨୮.୦୮.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ **୧୫.୦୦ ଘଣ୍ଟା ପୂର୍ବରୁ** ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ। **ଏସ୍.ଆଇ.ନଂ.-୧. ଟେଣ୍ଡର ନମ୍ବର: ଇ-କେଜିପି-ଇଷ୍ଟ-୫୪-୨୦୨୫।** କାର୍ଯ୍ୟର ବର୍ଣ୍ଣନା: ୟାର୍ଡ ପୁନଃନିର୍ମାଣ ଦ୍ୱାରା ଡିଏନ୍ ଲାଇନରେ ପିଏସ୍ଆର ୭୫ କିଲୋମିଟର ପ୍ରତି ଘଣ୍ଟା, ମିଡ୍ ଲାଇନରେ ୭୫ କିଲୋମିଟର ପ୍ରତି ଘଣ୍ଟା ଏବଂ ୟୁପି ଲାଇନରେ ୧୦୫ କିଲୋମିଟର ପ୍ରତି ଘଣ୍ଟା କାର୍ଯ୍ୟ ସମ୍ପାଦନ ଏବଂ ମେଚେଡା ୟାର୍ଡରେ ଡ୍ରେନେଜ୍ ସିଷ୍ଟମର ଉନ୍ନତି। **ଟେଣ୍ଡର ମୂଲ୍ୟ:** ଟ ୯,୮୪,୩୦,୨୩୦.୧୬। **ଆୟ ଟଙ୍କା:** ୬,୪୨,୨୦୦। **ଖୋଲିବା ତାରିଖ:** ୧୧.୦୯.୨୦୨୫। **ସିରିଏଲ ନଂ.-୨. ଟେଣ୍ଡର ନଂ.: E-KGP- HQ-37-2025. କାର୍ଯ୍ୟର ବର୍ଣ୍ଣନା:** ADEN/ Tamluk (୪ର୍ଥ ଡାକ) ଅଧୀନରେ ପଂସକୁରା-ହଳଦିଆ ସେକ୍ସନରେ ୨୫/୫-୭ ରେ ପ୍ରତିବନ୍ଧିତ ଉଚ୍ଚତା ସବୱେ (3m x 2.7m) ନିର୍ମାଣ। **ଟେଣ୍ଡର ମୂଲ୍ୟ:** ୨,୩୩,୫୬,୯୯୮.୦୯। **ଆୟ ଟଙ୍କା:** ୨,୬୬,୮୦୦। **ଖୋଲିବା ତାରିଖ:** ୧୨.୦୯.୨୦୨୫। **ସିରିଏଲ ନଂ-୩। ଟେଣ୍ଡର ନଂ.: E-KGP-WEST-34-2025। କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର: ADEN/ପଶ୍ଚିମ/ଖଡ଼ଗପୁର ଅନ୍ତର୍ଗତ ଓଭରରନ୍ ଲାଇନ୍, ଡେଡ୍ ଏଣ୍ଡ ଏବଂ ବାଲି ହମ୍ପର ଉନ୍ନତି ଏବଂ ମାନକୀକରଣ (୩ୟ ଡାକ)। **ଟେଣ୍ଡର ମୂଲ୍ୟ:** ୧,୩୭,୦୨,୪୨୪.୧୩। **ଆୟ ଟଙ୍କା:** ୨,୧୮,୫୦୦। **ଖୋଲିବାର ତାରିଖ:** ୧୫.୦୯.୨୦୨୫। **ସିରିଏଲ ନଂ.-୪. ଟେଣ୍ଡର ନଂ.: E-KGP-WEST-35-2025, କାର୍ଯ୍ୟର ବର୍ଣ୍ଣନା:** DEN/ West/Kharagpur ର ଅଧିକାରକ୍ଷେତ୍ର ଅଧୀନରେ ୨୩୭୦ ଟି AT ୱେଲ୍ଡିଂ ଅଂଶର ରେଳ (60kg 90UTS ରେଳ - ୯୮୦ ଏବଂ 60kg/60EI-R260 ରେଳ - ୧୩୯୦) ଯୋଗାଣ। **ଟେଣ୍ଡର ମୂଲ୍ୟ:** ୫୩,୫୮, ୧୨୨.୦୭। **ଆୟ ଟଙ୍କା:** ୧,୦୭,୨୦୦। **ଖୋଲିବାର ତାରିଖ:** ୧୮.୦୯.୨୦୨୫। **ସିରିଏଲ ନଂ.-୫. ଟେଣ୍ଡର ନଂ.: E-KGP-EAST-55-2025। କାର୍ଯ୍ୟର ବର୍ଣ୍ଣନା:** ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ (i) ADEN/ଶାଲିମାର ଅଧୀନରେ ଓଭର ରନ୍ ଲାଇନ, ଡେଡ୍ ଏଣ୍ଡ ଏବଂ ସ୍ୟାଣ୍ଡ ହମ୍ପର ଉନ୍ନତି ଏବଂ ମାନକୀକରଣ, (ii) ଆନ୍ଦୁଲ-ପାଂସକୁରା: ୨୩ କିଲୋମିଟର ପାଇଁ ଫାସନେଟିଂ ନବୀକରଣ ମାଧ୍ୟମରେ ଏବଂ (iii) ହାଓଡା-ଖଡ଼ଗପୁର: DEN/ପୂର୍ବ/ ଖଡ଼ଗପୁର କ୍ଷେତ୍ରାଧିକାର ଅଧୀନରେ SEJ-44 ସେଟ୍ ଏବଂ ଗ୍ଲୁଡ୍ ସନ୍ଧି-୭୭୪ ନମ୍ବରର ନବୀକରଣ। **ଟେଣ୍ଡର ମୂଲ୍ୟ:** ୩,୪୯,୮୬,୬୪୭.୯୭। **ଆୟ ଟଙ୍କା:** ୩,୨୪,୯୦୦। **ଖୋଲିବାର ତାରିଖ:** ୧୮.୦୯.୨୦୨୫। **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୦ (ପ୍ରତ୍ୟେକ Sl.ନଂ. ୧ ରୁ ୫ ପାଇଁ)। **କାର୍ଯ୍ୟ ସମାପ୍ତି ଅବଧି:** ୧୮ ମାସ (ପ୍ରତ୍ୟେକ Sl.ନଂ. ୧ ପାଇଁ) ଏବଂ ୧୨ ମାସ (ପ୍ରତ୍ୟେକ Sl.ନଂ. ୨ ରୁ ୫ ପାଇଁ)। **ବିଡିଂ ଆରମ୍ଭ ତାରିଖ:** ୨୮.୦୮.୨୦୨୫ ରୁ ୧୧.୦୯.୨୦୨୫ ପର୍ଯ୍ୟନ୍ତ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ (ଏସଆଇ.ନଂ. ୧ ପାଇଁ), ୨୯.୦୮.୨୦୨୫ ପର୍ଯ୍ୟନ୍ତ ଏବଂ ୧୨.୦୯.୨୦୨୫ ପର୍ଯ୍ୟନ୍ତ (କ୍ରମ ୨ ପାଇଁ), ୦୧.୦୯.୨୦୨୫ ଠାରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ (କ୍ରମ ୩ ପାଇଁ) ଏବଂ ୦୪.୦୯.୨୦୨୫ ପର୍ଯ୍ୟନ୍ତ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ। ୧୮.୦୯.୨୦୨୫ ରେ (ପ୍ରତ୍ୟେକ Sl.ନଂ. ୪ ଏବଂ ୫ ପାଇଁ)। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ବି.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରଦାତାମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ।

(PR-574)

# ସେପ୍ଟେମ୍ବର ୪ରେ ଭୁବନେଶ୍ୱର ଚାଲ : ଜନଦାବିରେ ସିପିଆଇ ପାର୍ଟିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଆହ୍ୱାନ

ବାଲେଶ୍ୱର, ୨୯/୮ (ନି.ପ୍ର): ଜନଦାବିରେ ଆସନ୍ତା ସେପ୍ଟେମ୍ବର ୪ ତାରିଖ ଦିନ ଭୁବନେଶ୍ୱରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ବିଭିନ୍ନ ଗଣ ସଂଗଠନମାନଙ୍କର ମିଳିତ ସମାବେଶରେ ବାଲେଶ୍ୱର ଜିଲ୍ଲାରୁ ସହସ୍ରାଧିକ ନରନାରୀ ଯୋଗ ଦେବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକରେ ଶୁକ୍ରବାର ଦିନ ନିଷ୍ପତ୍ତି ନିଆଯାଇଛି। କମ୍ୟୁନିଷ୍ଟ୍ ପାର୍ଟି ପ୍ରତିଷ୍ଠାର ଶତବାର୍ଷିକ ଅବସରରେ ଏହି ସମାବେଶ ପାଇଁ ରାଜ୍ୟ କମିଟି ଆହ୍ୱାନ ଦେଇଛି। ବରିଷ୍ଠ ବାମପନ୍ଥୀ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା କମିଟିର ନବନିର୍ବାଚିତ ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ ଆଲୋଚନା ବିଷୟ ଆଗତ କରି ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଉତ୍ତର ବାଲେଶ୍ୱରରେ ଚଳିତବର୍ଷ ବାରମ୍ବାର ବନ୍ୟାଫଳରେ କୃଷକମାନେ ସର୍ବସ୍ୱାନ୍ତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାରେ ଦୀର୍ଘ ୩ବର୍ଷ ଧରି ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି କରାଯାଉଥିଲେ ମଧ୍ୟ ସରକାର ଅନ୍ୟ ଦୁଇଟି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିବା ଘଟଣା ବାଲେଶ୍ୱରବାସୀଙ୍କୁ ନିରାଶ କରିଛି। ସେହିପରି ବାଲେଶ୍ୱର ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର ଓ ନର୍ସ ପ୍ରଭୃତି ନାହାନ୍ତି। ଉତ୍ତର ଓଡ଼ିଶାର ଏକ ବୃହତ୍ତ ଶିଳ୍ପ ସଂସ୍ଥା ବିରଳା ଟାୟାର୍ସ ପୁନଃ କାର୍ଯ୍ୟକ୍ଷମ ହେବା ପରେ ସମସ୍ତ ପୁରୁଣା ଶ୍ରମିକଙ୍କୁ ସେମାନଙ୍କର ଆଇନଗତ ପ୍ରାପ୍ୟ ଓ ନିଯୁକ୍ତି ଦେଇନାହିଁ। ବାଲେଶ୍ୱର ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ତେଣୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜନସାଧାରଣଙ୍କ ସ୍ୱାର୍ଥରେ ଜିଲ୍ଲା ସଂଗଠନକୁ ଦୃଢ଼ କରିବାକୁ ପଡ଼ିବ ବୋଲି ଜିଲ୍ଲା ସଂପାଦକ ଶ୍ରୀ ପ୍ରତିହାରୀ କହିଥିଲେ। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଜାତୀୟ ସଂପତ୍ତିକୁ ପୁଞ୍ଜିପତିଙ୍କୁ ହସ୍ତାନ୍ତର କରିଚାଲିଛନ୍ତି। ଆନ୍ତର୍ଜାତିକ ଓ ଜାତୀୟ ରାଜନୀତି ଉପରେ ଦୀର୍ଘ ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଟ୍ୟାକ୍ସ ଲଦିଦେବା ଫଳରେ ଦେଶରୁ ରପ୍ତାନୀ ହେଉଥିବା ସାମଗ୍ରୀ ଉତ୍ପାଦନ ହ୍ରାସ ପାଇବ ଓ ଶ୍ରମିକମାନେ ଛଟେଇର ଶୀକାର ହେବେ। ଏ ସମସ୍ତ ସମସ୍ୟାର ପ୍ରତିକାର ଦାବିରେ ବାଲେଶ୍ୱରରୁ ପାର୍ଟିର ସାଥୀ ଓ ସମର୍ଥକମାନେ ଆସନ୍ତା ୪ ତାରିଖ ଭୁବନେଶ୍ୱର ସମାବେଶରେ ଯୋଗ ଦେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ଏହି ବୈଠକରେ ନିରଞ୍ଜନ ବାରିକ, ମାୟାଧର ନାୟକ, ଅନାମ ପ୍ରସାଦ ବାରିକ, ବିଜୟ ସ, ଜତୀନ୍ ପାତ୍ର, ଜନ୍ମେଜୟ ଶତପଥୀ, ଆଶୁତୋଷ ପରିଡ଼ା, ବନ୍ଧା ବିଶ୍ୱାସ, ଶ୍ୟାମସୁନ୍ଦର ଜେନା ଓ ମାନସ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ଆରମ୍ଭରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବାମପନ୍ଥୀ ନେତା ୰ ବନମାଳୀ ଦାସଙ୍କ ୧୦୮ତମ ଜୟନ୍ତୀ ଅବସରରେ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରାଯାଇଥିଲା। ଶଶିକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭାରତୀୟ ଟଙ୍କା ଡଲାର ...

ଅର୍ଥ ମନ୍ତ୍ରୀ ସ୍କଟ ବେସେଣ୍ଟ ଅଗଷ୍ଟ ୨୮ ତାରିଖରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି କଥାକୁ ପୁନରାବୃତ୍ତି କରିଥିଲେ ଯେ ଭାରତ ରୁଷିଆରୁ ଶସ୍ତା ତେଲ କିଣି ରୁଷିଆକୁ ବଳଶାଳୀ କରୁଛି। ତଥାପି, ଆମେରିକୀୟ ଅର୍ଥ ମନ୍ତ୍ରୀ ଏହା ମଧ୍ୟ ଆଶା ପ୍ରକାଶ କରିଥିଲେ ଯେ ଅଧିକ ଟାରିଫ ସତ୍ତ୍ୱେ ଭାରତ ଏବଂ ଆମେରିକା ଶେଷରେ ନିଶ୍ଚିତ ଭାବେ ଏକ ବୁଝାମଣାରେ ପହଞ୍ଚିବେ।

### ପାଣ୍ଡିଆନଙ୍କ ବିରୋଧରେ...

ଦେବେଶ ଆଚାର୍ଯ୍ୟଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ (ଛାତ୍ର ବ୍ୟାପାର) ଏବଂ ଦେବୀ ରଞ୍ଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ ଏବଂ ସୌଭିକ୍ ବିଶ୍ୱାଳଙ୍କୁ ସାଧାରଣ ସମ୍ପାଦକ (ଛାତ୍ର ବ୍ୟାପାର) ଭାବରେ ନିଯୁକ୍ତ କରାଯାଇଛି । ଅପରପକ୍ଷରେ ଚିନ୍ମୟ ସାହୁଙ୍କୁ ବିଜୁ ଯୁବ ଜନତା ଦଳ (ବିୱାଇଜେଡି)ର ସଭାପତି ଭାବରେ ନିଯୁକ୍ତି ନେଇ ଘୋଷଣା କରାଯାଇଛି । ବିୱାଇଜେଡି ଦଳରେ ବ୍ୟୋମକେଶ ରାୟଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ଏବଂ ରାଜେନ୍ଦ୍ର କୁମାର ସାହୁ, ଅମରେଶ ପତ୍ରୀ ଏବଂ ସଞ୍ଜିତ ମହାନ୍ତିଙ୍କୁ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ଭାବରେ ସାମିଲ କରାଯାଇଛି । ନୂତନ ପଦବୀରେ ନିଯୁକ୍ତ ହେବା ପରେ ଇପ୍ସିତା ଏବଂ ଚିନ୍ମୟ ଉଭୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ । ହେଲେ ଏହି ନୂଆ ଟିମ୍ ଗଠନରେ ପାଣ୍ଡିଆନଙ୍କ ଗୋଷ୍ଠୀକୁ ଗୁରୁତ୍ୱ ଦିଆଯାଇଥିବା ଅଭିଯୋଗ କରି ଏକ ଛାତ୍ରଗୋଷ୍ଠୀ ଏବେ ବିଦ୍ରୋହ ଆରମ୍ଭ କରିଛନ୍ତି ।

### ୨୦୩୬ ସୁଦ୍ଧା ବିକଶିତ ...

ଯୋଗ ଦେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନର ମୁଖିଆ ଭାବେ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଦେଇଛନ୍ତି । ମୋହନ ସରକାରଙ୍କ ପ୍ରଭାବଶାଳୀ ମନ୍ତ୍ରୀମାନେ ଗୋଟି ଗୋଟି କରି ନିଜ ବିଭାଗର କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଛନ୍ତି । ରାଜ୍ୟରେ ମୋଟ୍ ୩୮୬ଟି ଖଣିରୁ ୨୦୫ଟି କାର୍ଯ୍ୟକ୍ଷମ ରହିଛି । ଓଡ଼ିଶାରୁ ଉତ୍ତୋଳନ ହେଉଥିବା ଖଣିଜ କେବଳ ରପ୍ତାନୀ ହେବନି । ଅଧିକ ଶିଳ୍ପ ପ୍ରତିଷ୍ଠା କରି ରାଜ୍ୟରେ ହିଁ ବିନିଯୋଗ କରାଯିବ । ପୁଞ୍ଜିନିବେଶ ଆକୃଷ୍ଟ କରିବାରେ ସଫଳ ହୋଇଛୁ, ଏହାକୁ ବାସ୍ତବ ରୂପ ଦେବୁ । ସେମିକଣ୍ଡକ୍ଟର ହବ୍ ଓ ପେଟ୍ରୋ କେମିକାଲ ହବ୍ ହେବ ଓଡ଼ିଶା । ଆଗକୁ ଆନ୍‌ସିଲାରି ଓ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପ୍ରତିଷ୍ଠା କରି ନିଯୁକ୍ତି ବଢ଼ାଇବୁ । ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟରେ ଭରା ଓଡ଼ିଶା। ଏଠାରେ ଥିବା ଯୁବଶକ୍ତିକୁ ଉପଯୋଗ କରି ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ସମୟସୀମା ସ୍ଥିର ହୋଇସାରିଛି । ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ଓଡ଼ିଶା । ଯୁବ ଉଦ୍ୟୋଗୀଙ୍କୁ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହିତ କରାଯିବ । ରାଜ୍ୟରେ ୪୦% ସହରାଞ୍ଚଳ ପାଇଁ ଲକ୍ଷ୍ୟ ରଖାଯାଇଛି । ଖୁବଶୀଘ୍ର ୪ଟି ମ୍ୟୁନିସିପାଲିଟି ସହ ଏନ୍‌ଏସି ଘୋଷଣା ହେବ । ସରକାର ସ୍ଥିର କରିଥିବା ଲକ୍ଷ୍ୟ ହାସଲ ଦିଗରେ ଆସିସିର ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅଧ୍ୟକ୍ଷ ରାଜୀବ ସାହୁ । ଲଘୁ ଉଦ୍ୟୋଗ ଭାରତୀର ସଭାପତି ଗୋପାଳ ଦାସ ଅଗ୍ରୱାଲ ମଧ୍ୟ ଅଲୋଚନାରେ ଭାଗ ନେଇଥିଲେ । 'ବିକଶିତ ଓଡ଼ିଶା ସମ୍ମିଳନୀ' ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପୂର୍ବର ବିଜେଡି ସରକାରକୁ ଟାର୍ଗେଟ୍ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଗଳ୍ପଙ୍କ କରି ଚୁପ୍ ବସିଥିଲେ । ପୁରୁଣା ସରକାର ଶିଳ୍ପକୁ ବାସ୍ତବତାରେ ପରିଣତ କରିପାରୁନଥିଲେ, କେବଳ ଆତ୍ମପ୍ରଚାର ଓ ବାହାବା ନେଉଥିଲେ ପୂର୍ବ ସରକାର । ହେଲେ ତାଙ୍କ ସରକାର ବିଭିନ୍ନ ଶିଳ୍ପକୁ ବାସ୍ତବ ରୂପ ଦେଇଛନ୍ତି । ଭୁବନେଶ୍ୱର ରିଂରୋଡ ନେଇ ନିଷ୍ପତ୍ତି ନେଇଛନ୍ତି । ବ୍ରହ୍ମପୁରରୁ ଜୟପୁର ୬ ଲେନ୍ ରୋଡ କରିବାକୁ ଲକ୍ଷ୍ୟ ରହିଛି । ବୟନ ଶିଳ୍ପ କ୍ଷେତ୍ରରେ ରାଜ୍ୟରେ ୭୮୦୦ କୋଟି ନିବେଶ ହେବ, ଯେଉଁଥିରେ ୫୩,୫୦୦ ଲୋକଙ୍କୁ ନିଯୁକ୍ତି ସୃଷ୍ଟି ହେବା । ଓଡ଼ିଶାରେ ଶିଳ୍ପର ଗତି ବଢିବା ।

### ଅନୁସୂଚିତ ଜାତି ଓ ଜନଜାତିଙ୍କ...

ଆଦିବାସୀ ପରିବାରରୁ ଆସିଥିବାରୁ ଜନଜାତିଙ୍କ ହାତପାହାନ୍ତାରେ ବିକାଶର ସ୍ପର୍ଶ ଦେବାକୁ ଅଣ୍ଟା ଭିଡିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିପାଇଁ ବଜେଟ୍ ପରିମାଣ ୬୮ ହଜାର ୮୮୧ କୋଟିରେ ପହଞ୍ଚିଛି । ମିଲେଟ୍ ମିସନରେ ଆଦିବାସୀଙ୍କୁ ସର୍ବାଧିକ ଫାଇଦା ମିଳିଛି । ୧୫ ଏକଲବ୍ୟ ମଡେଲ ବିଦ୍ୟାଳୟ ସହ ୫ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା କରିଛନ୍ତି ସରକାର । ସମସ୍ତ ଜନଜାତି ଭାଷାରେ ଶିକ୍ଷାଦାନ ପାଇଁ ନିଷ୍ପତ୍ତି ହୋଇଛି । ୨ ଦିନିଆ ସମ୍ମିଳନୀରେ ବିଭିନ୍ନ ପ୍ରସ୍ତାବ ଓ ପରାମର୍ଶକୁ ନେଇ ଜନଜାତିଙ୍କ ପାଇଁ ନୂଆ ନୀତି ଆଣିବାକୁ ସଂକେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଆଦିବାସୀଙ୍କ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇଛନ୍ତି । ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ କେଉଁ ରାଜ୍ୟ କଣ ପଦକ୍ଷେପ ନେଇଛି ସେନେଇ ଏହି ସମ୍ମିଳନୀରେ ୩୬୦ ଡିଗ୍ରୀରେ ଆଲୋଚନା ହୋଇଛି ।

### ସରିନି ବନ୍ୟା, ପଛକୁ ...

ଆକଳନ ଅନୁସାରେ ସେପ୍ଟେମ୍ବର ୩ ତାରିଖବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହା ଅଧିକ ଘନୀଭୂତ ହୋଇ ୫ରେ ଅବପାତର ରୂପ ନେବାର ସମ୍ଭାବନା ଅଛି । ଏହା ପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ଅଛି । ଓଡ଼ିଶାରେ ଆସନ୍ତା ଅଗଷ୍ଟ ୩୧ରୁ ସେପଟ୍ଟେମ୍ବର ୩ ଭିତରେ ପ୍ରବଳ ବର୍ଷା ହୋଇପାରେ ।

### ଭାରତୀୟ ଅର୍ଥନୀତିରେ...

୯% ଥିଲା। ଟ୍ରମ୍ପ ଟାରିଫ ସତ୍ତ୍ୱେ ଭାରତର ଦୃଢ଼ତା। ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତୀୟ ରପ୍ତାନୀ ଉପରେ ୫୦% ଟାରିଫ ଲଗାଯାଇଥିଲେ ମଧ୍ୟ, ଭାରତର ଅର୍ଥନୀତି ଦୃଢ଼ତା ପ୍ରଦର୍ଶନ କରିଛି। ବିଶେଷଜ୍ଞମାନେ ଟାରିଫ ଯୋଗୁ ଜିଡିପି ବୃଦ୍ଧିରେ ୦.୨-୦.୫% ହ୍ରାସ ହେବ ବୋଲି ଆକଳନ କରିଥିଲେ, କିନ୍ତୁ ଏହି ୭.୮% ବୃଦ୍ଧି ସେହି ଆଶଙ୍କାକୁ ଖଣ୍ଡନ କରିଛି। ଭାରତର ବିବିଧ ରପ୍ତାନୀ ବଜାର, ଦୃ ଘରୋଇ ଚାହିଦା ଏବଂ କୃଷି ଓ ସେବା କ୍ଷେତ୍ରର ଉନ୍ନତ ପ୍ରଦର୍ଶନ ଏହି ସଫଳତାର ମୂଳ କାରଣ। ଏହି ବୃଦ୍ଧି ଭାରତର ଅର୍ଥନୀତିର ସ୍ଥିତିସ୍ଥାପକତାକୁ ପ୍ରତିଫଳିତ କରୁଛି ଏବଂ ଏହା ପ୍ରମାଣ କରୁଛି ଯେ ଟ୍ରମ୍ପଙ୍କ ଟାରିଫ ଭାରତର ଅର୍ଥନୈତିକ ଗତିକୁ ଅଟକାଇ ପାରିନାହିଁ।

### କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉପରେ...

ହୋଇପଡିବା ସହ ରାଜନୈତିକ ହଇଚଇ ସୃଷ୍ଟି କରିଛି । ବିଜେପି ମୋଇତ୍ରାଙ୍କ ବୟାନକୁ କଡ଼ା ନିନ୍ଦା କରିଛି । ମହୁଆ ମୈତ୍ରଙ୍କ ବିରୋଧରେ ପୁଲିସରେ ଅଭିଯୋଗ ଦାଖଲ କରାଯାଇଛି । ଗତ ସୋମବାର ଦିନ, ଅନୁପ୍ରବେଶ ସମ୍ପର୍କରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ମହୁଆ କହିଥିଲେ ଯେ ଏହାକୁ ରୋକିବା କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଦାୟିତ୍ୱ, ଯେଉଁଥିରେ ଗୃହମନ୍ତ୍ରୀ ଅମିତ ଶାହ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ।

# ଉଦୟନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବାଲିଆପାଳ, ୨୯/୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ହାସିମପୁର ଉଦୟନାରାୟଣ ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସର ନେଇଥିବା ଶିକ୍ଷକ ମାନଙ୍କୁ ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂସଦ ତରଫରୁ ବିଦ୍ୟାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁରଲୀମୋହନ ସାହୁ ପୌରହିତ୍ୟ କରିଥିଲବା ବେଳେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ବିଦାୟୀ ଶିକ୍ଷକ ମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିବା ସହିତ ଗୁରୁଙ୍କୁ ସମ୍ମାନ କରିବା ତଥା ପୂଜା କରିବା ପାଇଁ ଉପସ୍ଥିତ ଭବିଷ୍ୟତ ପୀଢିର କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟା ଜିଲା ସଂପାଦକ ବିଜୟ କୁମାର ପାତ୍ର,ବ୍ଲକ ସଭାପତି ବିନୋଦ କୁମାର ଜେନା , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ପାତ୍ର,ଶିକ୍ଷକ ସଞ୍ଜୟ କୁମାର ମହାପାତ୍ର,ଶିକ୍ଷୟିତ୍ରୀ ସ୍ୱାଗତିକା ସେଠୀ,ପରିଚାଳନା କମିଟିର ସଭାପତି ଉମେଶ ଚନ୍ଦ୍ର ସାହୁ ଏବଂ ପୁରାତନ ଛାତ୍ର ସଂସଦର ସଭାପତି ଶୁଭେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷକ ସର୍ବଶ୍ରୀ ରାଜେନ୍ଦ୍ର କୁମାର ରାଉତ, ଶ୍ୟାମସୁନ୍ଦର ଦାସ, ସନ୍ତୋଷ କୁମାର ପାଣିଗ୍ରାହୀ,ଜୟନ୍ତ କୁମାର ଭୂୟାଁ,ମହେଶ୍ୱର ମାଣିକ,ବିଷ୍ଣୁପଦ ଦାସ,ବସନ୍ତ କୁମାର ବିଶ୍ୱାଳ ତଥା ମରଣୋତ୍ତର ଭାବେ ସ୍ୱର୍ଗତ ସଞ୍ଜୟ କୁମାର ପାତ୍ର ଏବଂ ଅଜୟ କୁମାର ପରିଡାଙ୍କର ଦୀର୍ଘ ଦିନର କାର୍ଯ୍ୟଶୈଳୀର ଗୁଣଗାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ମନୋରଞ୍ଜନ ପ୍ରଧାନ ମଂଚ ଆହ୍ୱାନ, ମଂଚ ସଂଚାଳନା ଶୁଭେନ୍ଦୁ ଦାସ, ମାନପତ୍ର ପାଠ ବ୍ୟୋମକେଶ ସାହୁ ଏବଂ ମନୋଜ କୁମାର ସାହୁ କରିଥିବା ବେଳେ ଶିକ୍ଷକ ପରମାନନ୍ଦ ସାହୁ, ଧନଞ୍ଜୟ ଚରଣ ଦେ, ଦେବାଶିଷ ଜେନା,ଅକ୍ଷୟ ପଣ୍ଡା, କାହ୍ନୁଚରଣ ହାଁସଦା,ଅଜିତ ବାରିକ,ଅଜିତ କୁମାର ସାହୁ,ତନ୍ମୟ କୁମାର ସାମଲ,କଳ୍ପନା ମାଝୀ, ବବିତାରାଣୀ ମହାପାତ୍ର, ସୁନୀତା ସାହୁ,ବାସନ୍ତୀ ବେହେରା, ରମାକାନ୍ତ ଜେନା, ସନ୍ତୋଷ କୁମାର ଦାସ, ପୁରାତନ ଛାତ୍ର ହରେନ୍ଦ୍ର କୁମାର ସାହୁ, ଦୁର୍ଗାଶଙ୍କର ଦେ,ନବ କୁମାର ପଣ୍ଡା,ନିତ୍ୟଗୋପାଳ ସାହୁ, ଦେଉଳା ସରପଂଚ ସରୋଜ କୁମାର ପିଳା, ଅର୍ଦ୍ଧେନ୍ଦୁ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିବା ବେଳେ ନିର୍ମଳ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀ ଶଙ୍କରାଚାର୍ଯ୍ୟଙ୍କ ଆଶିର୍ବାଦ ନେଲେ ନୂଆ ଏସ୍ ପି ପ୍ରତୀକ ସିଂ

ପୁରୀ/ଭୁବନେଶ୍ୱର, ୨୯/୮ (ନି.ପ୍ର): ପୁରୀର ନୂତନ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଦାଇତ୍ୱ ଗ୍ରହଣ କରିବା ପରେ ନିଜର ଦାୟିତ୍ୱ ପ୍ରତିପାଦନ ସ୍ୱରୁପ ଶ୍ରୀଶଙ୍କରାଚାର୍ଯ୍ୟ-ଗୋବର୍ଦ୍ଧନ ପୀଠକୁ ଆସି ପୂଜ୍ୟପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଗୁରୁଦେବଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି । ଏହି ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ ସନାତନ ସଂସ୍କୃତି ଓ ପରମ୍ପରାରେ ପୁରୀ କେବଳ ଏକ ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ର ନୁହେଁ, ଏହା ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ଭାବରେ ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଶ୍ରୀମନ୍ଦିର ସଦା ସର୍ବଦା ବିଧର୍ମୀ ଓ କୁଚକ୍ରୀମାନେଙ୍କ ଦୃଷ୍ଟିରେ ରହିଛି। ଶ୍ରୀମନ୍ଦିର ର ସୁରକ୍ଷା ଏକ ଆହ୍ୱାନ। ଏହାର ଧାର୍ମିକ ବ୍ୟବସ୍ଥା ହିଁ ଏହାର ଦିବ୍ୟତା ଓ ପବିତ୍ରତା। ଏହାକୁ ନଷ୍ଟ କରିବା ପାଇଁ ଅନେକ ଅରାଜକ ତତ୍ତ୍ୱ ସଦାସର୍ବଦା ତତ୍ପର ରହିଥାନ୍ତି । ଏହା ଉପରେ କଡ଼ା ଅନୁଶାସନର ଆବଶ୍ୟକତା ଅଛି । ତୀର୍ଥରାଜ ମହୋଦଧିଙ୍କ ବିସ୍ତୀର୍ଣ୍ଣ ବେଳାଭୂମି କେବଳ ମନୋରଞ୍ଜନର କେନ୍ଦ୍ର ନହୋଇ ତୀର୍ଥଯାତ୍ରୀଙ୍କ ସୁରକ୍ଷା, ସୁବିଧା ଆଦି ପ୍ରତି ସତର୍କ ରହିବା ସହ ମାଦକ ଦ୍ରବ୍ୟ ସେବନର କେନ୍ଦ୍ର ନହେବା ଦିଗରେ ପରାମର୍ଶ ଦେଇଥିଲେ।

ଶନିବାର, ଅଗଷ୍ଟ ୩୦, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଲଙ୍ଗଳେଶ୍ୱର ବ୍ଲକ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ବୈଠକ: କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ବାଲିଆପାଳ , ୨୯/୮ (ନି.ପ୍ର): ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ସଫଳ ରୁପାୟନ ହେବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ମିଳିପାରିବ ସେନେଇ ସରକାର ୱାର୍ଡ, ପଞ୍ଚାୟତକୁ ପୁର୍ନଗଠନ କରିବାପାଇଁ ଅଣ୍ଟା ଭିଡି ବିଜ୍ଞପ୍ତି ପ୍ରକାଶ କରିଛନ୍ତି ସେଥିପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ଙ୍କୁ ଲଙ୍ଗଳେଶ୍ୱର ବ୍ଲକ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି ବୈଠକରେ ଲଙ୍ଗଳେଶ୍ୱର ଠାରେ ଏକ ବ୍ଲକ ପ୍ରତିଷ୍ଠା ପାଇଁ ଓଡ଼ିଶା ର ରାଜ୍ୟପାଳ ହରି ବାବୁ କୁମ୍ଭବ ପତି ଙ୍କୁ ଦାବିପତ୍ର ପ୍ରଦାନ କରାଯିବାର ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। କ୍ରିୟାନୁଷ୍ଠାନ କମିଟିର ସଭାପତି ଦେବେନ୍ଦ୍ର ଗିରି ସଭାପତିତ୍ୱ କରିଥିଲେ ସମ୍ପାଦକ ଅରବିନ୍ଦ ବେଜ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲାବେଳେ କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ ଆୟବ୍ୟୟ ଅଟକଳ ର ହିସାବ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ଜେନା, ଚକ୍ରଧର ଗିରି, ମହେଶ୍ୱର ଜେନା,ଖଗେନ୍ଦ୍ର ନାୟକ, ଶୁଶାନ୍ତ ବେହେରା, ଅଶ୍ୱିନୀ ଜେନା, ଜଳନ୍ଧର ମଲ୍ଲିକ,ସୁଲତା ନାୟକ, ବ୍ରହ୍ମା ନନ୍ଦ ମୈକାପ, ଦୂରଦର୍ଶନ ଜେନା, ମହେନ୍ଦ୍ର ବାରିକ, କ୍ରିୟାନୁଷ୍ଠାନ କମିଟିର ମିଡ଼ିଆ ସଂଯୋଜକ ରବିରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ବୈଠକରେ ୧୮ ଟି ପଞ୍ଚାୟତର ନେତୃବୃନ୍ଦ ଯୋଗଦେଇ ଥିଲେ।




## ଶ୍ରୀ ଶ୍ରୀ ଗୋପାଳ ଜୀଉ ସଂକୀର୍ତ୍ତନ ମଣ୍ଡଳୀର ହରିନାମ କୀର୍ତ୍ତନ



ବାଲିଆପାଳ , ୨୯/୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପାରୁଳିଆଛକ ନିକଟସ୍ଥ ରାଧାକୃଷ୍ଣ ମନ୍ଦିର ପରିସରରେ ଆଜି ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଷ୍ଣୁପୁର ଶ୍ରୀ ଶ୍ରୀ ଗୋପଳ ଜୀଉ ସଂକୀର୍ତନ ମଣ୍ଡଳୀର ଏକ ଧର୍ମ ସଭାର ଆୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂକୀର୍ତନ ମଣ୍ଡଳୀର ମୁଖ୍ୟ ପରିଚାଳକ ସରୋଜ କୁମାର ଦାସ(ମିଟୁ ଉସ୍ତାଦ)ଅଧ୍ୟକ୍ଷତା କରିଥିବା ବେଳେ ଦୈତାରୀ ଗିରି,ସୁଧାଂଶୁ ପାଣିଗ୍ରାହୀ ଭାସ୍କର ବାରିକ, ମଦନ ଦାସ, ପ୍ରଶାନ୍ତ ଦାସ, ମାନସ ଦାସ, ହରିଶ ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀକାନ୍ତ ଦାସ ଏବଂ ବଂଶୀଧର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ହରିନାମ ସଂକୀର୍ତନ ଆଗାମୀ ଦିନରେ କିପରି ସରସ ସୁନ୍ଦର ହୋଇପାରିବ ଏବଂ ହରି ନାମ ଶବଣ କଲେ ମଣିଷକୁ କିଭଳି ମୁକ୍ତି ମିଳିବ ସେହି ସଂପର୍କରେ ଆଗାମୀ ଦିନରେ ମଣ୍ଡଳୀର ସମସ୍ତ କର୍ମକର୍ତା ସହିତ ମୁଖ୍ୟ ପରିଚାଳକ ଉପସ୍ଥିତ ସମସ୍ତ ଭଗବତ ପ୍ରେମୀମାନଙ୍କୁ ଅତିସୁନ୍ଦର ଭାବରେ ବୁଝାଇଥିଲେ । ଶେଷରେ ଉପସ୍ଥିତ ସଦସ୍ୟ ତଥା ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

## ତାଲିକା ଭୁକ୍ତ ଓକିଲମାନଙ୍କୁ ତାଲିମ୍ ପ୍ରଦାନ

ଭଦ୍ରକ , ୨୯/୮ (ନି.ପ୍ର): ଭଦ୍ରକ ଜିଲ୍ଲା ନ୍ୟାୟାଳୟ ପରିସର, ନଳାଙ୍ଗଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ତାଲିକାଭୁକ୍ତ ଓକିଲମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଅଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୂଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚ୍ଛଳନା କରିଥିଲେ। ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମରେ ତାଲୁକ ଲିଗାଲ ସ୍ତରୀୟ ଆଇନ ସେବା କମିଟି ୩ଟି ଯଥା ଚାନ୍ଦବାଲି, ବାସୁଦେବପୁର ଓ ଧାମନଗରର ତାଲିକାଭୁକ୍ତ ଓକିଲମାନେ ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇ ତାଲିମ୍ ପ୍ରାପ୍ତ ହୋଇଥିଲେ। ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମରେ ଓକିଲ ମାନଙ୍କର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭୂମିକା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ସହଯୋଗ କରି ସଫଳ କରାଇଥିଲେ।

## ଆଦ୍ୟାଶକ୍ତି ମହାମାୟା ସିଂହବାହିନୀଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତୀ ପାଇଁ ମାଟି ଉଠାଣ

ନୀଳଗିରି, ୨୯/୮ (ନି.ପ୍ର): ପାର୍ବଣରେ ଧରାଧାମକୁ ଓହ୍ଲାଇବେ ଦୂର୍ଗତିନାଶିନୀ ମା ଦେବୀ ଦୁର୍ଗା। ଚଳିତ ବର୍ଷ ଏହି ମହାନପର୍ବ ଉପଲକ୍ଷେ ବରହମପୁର ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଉଠାଣ କରାଯାଇଛି । ଅଗ୍ରପୂଜ୍ୟ ଗଜାନନଙ୍କ ପବିତ୍ର ଚତୁର୍ଥୀଦିନ ପୂର୍ବାହ୍ନ ୭ଘଟିକା ସମୟରେ କମିଟିର ପ୍ରମୁଖ କର୍ତ୍ତା ପ୍ରଦୀପ କୁମାର ବେହେରା ଏବଂ ଅରବିନ୍ଦ ବେହେରା ପବିତ୍ର ବେଲଗଛ ମୂଳରୁ



ମାଟି ଉଠାଇଥିଲେ। ହରିନାମ କୀର୍ତ୍ତନ ଓ ଶଙ୍ଖ ହୁଳହୁଳି ଶବ୍ଦରେ ଏକ ଆଧାତ୍ମିକ ପରିବେଶରେ ଏହି ମାଟି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କମିଟିର କାର୍ଯ୍ୟକାରୀ ସଭାପତି ରବିନାରାୟଣ ଚୌଧୁରୀ, ସମ୍ପାଦକ ଅନୀଲ କୁମାର ବେହେରା, ରମାକାନ୍ତ ମହାନ୍ତି, ପ୍ରଫୁଲ୍ଲ କୁମାର ରାଉତ, ଦୀନବନ୍ଧୁ କବାଟ, ବାଇଧର ପଣ୍ଡା, ନରେନ୍ଦ୍ର ବାରିକ, ହରେକୃଷ୍ଣ ବେହେରା, ପ୍ରଦୀପ ପଶା, ଗୋପବନ୍ଧୁ ପଶା, ସଞ୍ଜୀବ ଚୌଧୁରୀ, ସୁଧାରଞ୍ଜନ ପଶା, ସନାତନ ମାଝୀ, ପୂର୍ଣ୍ଣଚନ୍ଦ୍ର ପଶା, ମହେଶ୍ୱର ସାହୁ, ପଦ୍ମନାଭ ବିନ୍ଧାଣୀ, ନରସିଂହ ପୁଟି ଏବଂ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳରେ ବଢୁଛି ମଶା ଉପଦ୍ରବ : ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉ

ବୈଶିଙ୍ଗା , ୨୯/୮ (ନି.ପ୍ର): ବିଭିନ୍ନ ଗ୍ରାମ ମାନଙ୍କରେ ଏବେ ମଶାର ଉପଦ୍ରବ ବଢ଼ିବାରେ ଲାଗିଥିବା ବେଳେ ଏହାର ପ୍ରତିକାର ବ୍ୟବସ୍ଥା ହେଉ ନଥିବା ଅଭିଯୋଗ ହେଉଛି । ବହୁ ବର୍ଷ ପୂର୍ବରୁ ଡାକ୍ତରଖାନା ପକ୍ଷରୁ ଡିଡିଟି ସିଞ୍ଚନ ଘରେ ଘରେ ହେଉଥିଲା। ମାତ୍ର ଏବେ ଏହି ସୁବିଧା ଉପଲବ୍ଧ ନଥିବାରୁ ମଶା ଉପଦ୍ରବ ବଢ଼ି ବଢ଼ି ଚାଲିଛି । ଗ୍ରାମପଞ୍ଚାୟତ ମାନଙ୍କରେ ବ୍ୟାପକ ଅର୍ଥ ବ୍ୟବସ୍ଥା ନଥିବାରୁ ସରପଞ୍ଚ ମାନେ ମଶା ଉପଦ୍ରବରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବାରେ ବିଫଳ ହେଉଛନ୍ତି । ବଜାର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳପର୍ଯ୍ୟନ୍ତ ରାସ୍ତାଘାଟ ଠାରୁ ଆରମ୍ଭ କରି ଡ୍ରେନେଜ ବ୍ୟବସ୍ଥା, ଷ୍ଟ୍ରୀଟ୍ ଲାଇଟ, ପିଇବା ପାଣି ସମସ୍ୟା ଏବଂ ରାସ୍ତାଘାଟ ସଫେଇ ପାଇଁ ପଞ୍ଚାୟତରେ ପାଣ୍ଠି ନ ଥିବା ଯୋଗୁଁ ଏହା ବର୍ଷ ଯାକ ହୋଇପାରି ନଥାଏ । ରାସ୍ତାଘାଟର ଦୁଇ ପାର୍ଶ୍ୱ ବିଭିନ୍ନ ପ୍ରକାର ଗଛ ଲତାରେ ପରିପୂର୍ଣ୍ଣ ଯୋଗୁଁ ଛକ ଜାଗାମାନଙ୍କରେ ଦୁର୍ଘଟଣା ମଧ ଘଟିଥାଏ। ବର୍ଷା ଦିନେ ବର୍ଷାଜଳ ରାସ୍ତାରେ ଜମି ରହିବା ଯୋଗୁଁ ଚଳପ୍ରଚଳରେ ବାଧା ସୃଷ୍ଟି ହେବାରେ ଲାଗିଛି। ଏପରିକି ରାସ୍ତା ଗୁଡିକ ମରାମତି ହେଉ ନ ଥିବା ଯୋଗୁଁ ରାସ୍ତାରେ ପାଣି ଜମା ହୋଇ ରହିବା ଫଳରେ ବାଇକ ଅଟୋ ବା ଯେ କୌଣସି ଯାନବାହାନ ଚଳାଚଳ ସମୟରେ ମଇଳା କାଦ ପାଣି ଛିଟିକି ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇ ପଡୁଥିଲେ ମଧ କେହି ଅଭିଯୋଗ ଶୁଣନ୍ତିନାହିଁ । ସେହିପରି ଡ୍ରେନ ଗୁଡିକ ଦୀର୍ଘ ଦିନରୁ ମରାମତି ହୋଇ ନପାରି ବର୍ଷା। ଜଳ ନିଷ୍କାସନ ହେବା ବଦଳରେ ଡ୍ରେନରେ ପାଣି ଜମା ହୋଇରହି ମଶା ମାନଙ୍କ ଜନ୍ମ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଖାଲି ଯେ ଡ୍ରେନରେ ମଶା ଜନ୍ମ ହୋଇଥାନ୍ତି ତାହା ନୁହେଁ , ବିଭିନ୍ନ ସାହି, ପଡା, ଜନବସତି ମାନଙ୍କରେ ଡ୍ରେନେଜ ବ୍ୟବସ୍ଥା ନଥିବା କାରଣରୁ ଜମି ରହିଥିବା ପାଣି ସ୍ଥାନମାନଙ୍କରେ ମଶାଙ୍କ ଦାଉ ରେ ଦିନବେଳା ମଧ ମଶା ମାନଙ୍କ ଉପଦ୍ର ରେ ଲୋକେ ଅତିଷ୍ଠ ହୋଇ ବିଭିନ୍ନ ପ୍ରକାର କ୍ଷତିକାରକ ମଶା ଧୂପ ବ୍ୟବହାର କରିବାକୁ ବାଧ ହେଉଛନ୍ତି । ମଶା ଦାଉରୁ ରକ୍ଷା କରିବା ପାଇଁ ନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିମ୍ବା ଗ୍ରା.ପ ପକ୍ଷରୁ କିଛିବି ପ୍ରତିକାର ବ୍ୟବସ୍ଥା ନାହିଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯେହେତୁ ଆୟୁଷ୍ମାନ ଯୋଜନାରେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନାରେ କାର୍ଡ ବାଣ୍ଟିଛନ୍ତି - ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶା ମାନଙ୍କ ପ୍ରତିକାର ପାଇଁ କିଛି ବ୍ୟବସ୍ଥା ନାହିଁ। ଲୋକେ ଏହି ବର୍ଷା ଦିନରେ ବିଭିନ୍ନ ପ୍ରକାରର ଜ୍ୱରରେ ଆକ୍ରାନ୍ତ ହେଉଥିଲେ ସୁଦ୍ଧା ମଶା ମରା ଅଭିଯାନର କିଛି ବ୍ୟବସ୍ଥା ନାହିଁ ଓ ଲୋକେ ମଶା କାମୁଡାର ଶିକାର ହେଉଥିଲେ ବି ସ୍ୱାସ୍ଥ୍ୟ ବିଭାଗ ନିଦା ବିଷ୍ଣୁ ପାଲଟିଛନ୍ତି। ଏହି ମଶା ଦାଉରୁ ରକ୍ଷା ପାଇବା ପାଇଁ କୌଣସି ଅଭିଯୋଗ ପ୍ରକୋଷ୍ଠ ଲୋକେ ପାଉ ନ ଥିବା ଯୋଗୁଁ କେବଳ ମଶା ଧୂପ ଓ ଭଗବାନଙ୍କ ଉପରେ ଭରସା କରି ଜୀବନ ଅତିବାହିତ କରିବାକୁ ବାଧ ହେଉଛନ୍ତି ।

## ଭଦ୍ରକ ଜିଲ୍ଲା ଲେଭଲ (ଏ) ଶିକ୍ଷକ ସଂଘ ଗଠିତ

ଭଦ୍ରକ, ୨୯/୮ (ନି.ପ୍ର): ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନତିମୂଳକ ପଦକ୍ଷପ ଗ୍ରହଣ କରୁଅଛନ୍ତି କିନ୍ତୁ ପ୍ରାଥମିକ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁନାହିଁ। ବର୍ତମାନର ଲୋକଙ୍କ ସରକାର ପ୍ରାଥମିକ ଶିକ୍ଷାକୁ ସର୍ବାଗ୍ରେ ଧ୍ୟାନ ଦେଉ ଅଛନ୍ତି ତେଣୁ ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳ ବେତନର ସଂଶୋଧନ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରାଥମିକ ଶିକ୍ଷକଙ୍କ ମନରେ କୁଠାରଘାତ କରିଛି ଏହାର ବିରୋଧ କରି ସ୍ଥାନୀୟ ବାଇପାସ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରକୋଷ୍ଠରେ ବରିଷ୍ଠ ଶିକ୍ଷକ କୃତିବାସ ରାଉତଙ୍କ ଆବାହକରେ ଓ ସୁଭେନ୍ଦୁ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଜିଲ୍ଲା ଲେଭଲ ଭି (ଏ) ଶିକ୍ଷକ ସଂଘ ଗଠିତ ହୋଇଅଛି। ଏଥିରେ ୩ଟି ବ୍ଲକରୁ ପ୍ରାୟ ୨୦୦ଜଣ ଲେଭଲ ଭି (ଏ) ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦାନ କରି ଥିଲେ। ସର୍ବ ସମ୍ମତି କ୍ରମେ । ଜ୍ୟୋତିର୍ମୟ ଅଗସ୍ତିଙ୍କୁ ସଭାପତି ଭାବରେ ଚୟନ କରାଯାଇଥିଲା। ସୁଧିର କୁମାର




ବାରିକ ସଂପାଦକ ଭାବରେ । ବ୍ୟୋମକେଶ ପରିଡ଼ା ମହାସଚିବ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ବାରିକ। ଉପସଭାପତି ଭାବରେ ବିପନ ବିହାରୀ ଜେନା ,ତପନ କୁମାର ସାହୁ , ଆନନ୍ଦ ମହାଲିକ, ସଞ୍ଜିବ ମହାନ୍ତି, ମାନିନୀ ପରିଡ଼ା, ପିତାମ୍ବର ମିଶ୍ର, ଦେବାଶିଷ ମୁଦୁଲି, ଶ୍ରୀଧର ପଣ୍ଡା, ସଞ୍ଜୟ ବିନ୍ଧାଣୀ ଓ ଓମ୍ ପ୍ରକାଶ ନାୟକଙ୍କୁ ଚୟନ କରାଯାଇଥିଲ। ସହ ସମ୍ପାଦକ ରୂପେ ପ୍ରଦୀପ କୁମାର ପଲାଇ, ଚନ୍ଦ୍ରଶେଖର ମୁଦୁଲ, ସ୍ୱର୍ଣ୍ଣପ୍ରଭା ନାୟକ,ଅର୍ଜୁନ ଦାସ, ରମକୃଷ୍ଣ ବାରିକ, ସନ୍ତୋଷ ମଲ୍ଲିକ, ଦିଲ୍ଲିପ ସାହୁ, ଦେବାଶିଷ ନାଥ, ଦେବେନ୍ଦ୍ର କବି, ଧାରଗାନିର୍ଜିଂ ସମ୍ପାଦିକ ଭାବରେ ସାଫଲ୍ୟ ମହାଲିକ ବିନାନ ଦାସ, ସୁବ୍ରତ ଧଳ, ଗିରିଜା ଶଙ୍କର ଲେଙ୍କା, ଶୁସାନ୍ତ ପଣ୍ଡା,ଗଣମାଧ୍ୟମ ପ୍ରମୁଖ ହିସାବରେ ପରମେଶ୍ୱର ପୃଷ୍ଟି, ଜୟଦେବ ସେନାପତି, ମାନସ ରଞ୍ଜନ ନାୟକ,ଜୟନ୍ତ କୁମାର ଜେନା, ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ଭାବରେ ବରିଷ୍ଠ ଶିକ୍ଷକ ଶୁଭେନ୍ଦୁ କୁମାର ବିଶ୍ୱାଳ ପ୍ରଦୀପ ସେଠୀ, କୃତିବାସ ରାଉତ, ପ୍ରଭାସ ପଣ୍ଡା, ଅଶୋକ କୁମାର ଦାସଙ୍କୁ ରଖାଯାଇଥିଲା। ରାଜ୍ୟ ନେତୃ ମଣ୍ଡଳୀଙ୍କ ସହ ସର୍ବଦା ଯୋଗାଯୋଗ କରୁଥିବା ଦୁଇଜଣ ଶିକ୍ଷକ ଅଜିତ୍ କୁମାର ମହାରଣା, ଓ ପ୍ରକାଶ ନାରାୟଣ ଜେନାଙ୍କୁ ରାଜ୍ୟ କୋର କମିଟି ସଦସ୍ୟ ରୂପେ ମନୋନୀତ କରାଯାଇଛି। ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ସରକାର ପ୍ରାଥମିକ ଶିକ୍ଷକଙ୍କର ଦୁଇଟି ଦାବି ଯଥା:- ୪୨୮୦ ଗ୍ରେଡ଼ପେ ୬ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରିରେ ଗଣନା କରିବା ସହିତ ୬ଟି ନେସନାଲ ଇନକମେଣ୍ଟ ନଦେଲେ ରାଜ୍ୟସ୍ତରୀୟ ଆନ୍ଦୋଳନରେ ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ସର୍ବଶେଷରେ ଅଜିତ କୁମାର ମହାରଣା ଧନ୍ୟବାଦ ଦେଇ ସଭା କାର୍ଯ୍ୟକୁ ଶେଷ କରିଥିଲେ।

## ସେପ୍ଟେମ୍ବର ୬ରେ କଳା ଦିବସ ପାଳନ କରିବ କୁଡୁମୀ ସେନା

ବାରିପଦା, ୨୯/୮ (ନି.ପ୍ର): କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ବିଗତ ଏକ ଦଶନ୍ଧି ରୁ ଉର୍ଦ୍ଧ୍ୱ ସମୟ ଧରି କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରି ରହିଛି ।ଏହି କ୍ରମରେ ଆସନ୍ତା ସେପଟ୍ମ୍ବର ୬ ତାରିଖ କୁ ସବୁ ବର୍ଷ ପରି ଏ ବର୍ଷ ମଧ କଳା ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।ଏଠାରେ ସ୍ମରଣଯୋଗ୍ୟ ଯେ ଗତ ୧୯୫୦ ମସିହା ସେପଟ୍ମ୍ବର ୬ ତାରିଖ ରେ କୁଡୁମୀ ଜାତିକୁ ଆଦିବାସୀ (ଏସ୍ ଟି) ବର୍ଗରୁ ବାଦ୍ ଦିଆଯାଇଥିଲା। କୁଡୁମି ଜାତି ପ୍ରତି ହେଇଥିବା ଉକ୍ତ ଐତିହାସିକ ଅନ୍ୟାୟ ପ୍ରତିବାଦ ରେ ସେପଟ୍ମ୍ବେର ୬ ତାରିଖ କୁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ ପଲ୍ଲୀ ରୁ ଦିଲ୍ଲୀ ର ଜନ୍ତର ମନତର ଠାରେ କଳା ଦିବସ ରୂପେ ପାଳନ କରିବା ପାଇଁ କୁଡୁମି ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାରିପଦା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି । ଜୈମୁନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତା ରେ ଏହି ବୈଠକ ରେ କୁଡୁମୀ ସେନା ର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ସାଇରାମ୍, ବିଶ୍ୱନାଥ, ଦୁର୍ଗା , ବିରେନ୍ଦ୍ର, ନୁକୁ, ଚନ୍ଦ୍ର ଭାନୁ ମହାନ୍ତ କୁଡୁମୀ ଛାତ୍ର ସେନାର ବରୁଣ ମହାନ୍ତ, ଗୌତମ ମହାନ୍ତ, ଅଜିତ, ଦିପୁ, ଚକ୍ର, ଦେବାଶିଷ, ତୁଷାର, ଲିପୁନ କୁଡୁମୀ ମହିଳା ସେନାର ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ ।

## ଭଦ୍ରକ ସ୍ପୋର୍ଟସ ଏକାଡେମୀ ତରଫରୁ ଜାତୀୟ କ୍ରୀଡା ଦିବସ ପାଳିତ

ଭଦ୍ରକ, ୨୯/୮ (ନି.ପ୍ର): ଆଜି ଭଦ୍ରକ ସ୍ୱୟଂ ଶାସିତ କଲେଜ ପରିସରରେ ଭଦ୍ରକ ସ୍ପୋର୍ଟସ ଏକାଡେମୀ ତରଫରୁ , ଏକାଡେମୀରର ପ୍ରତିଷ୍ଠାତା ତଥା କ୍ରିଡା ଶିକ୍ଷକ ଓ କୋଚ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ମହା ସମାରୋହ ରେ ଜାତୀୟ କ୍ରିଡା ଦିବସ ପାଳନ କରାଯାଇଛି। ଏହି ଦିବସ ରେ ଭଦ୍ରକ ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀଯୁକ୍ତ ରମେଶ କୁମାର ମହାନ୍ତି ଯୋଗ ଦେଇ ସମସ୍ତ ଖେଳାଳୀ ମାନଙ୍କୁ ମେଜର୍ ଧ୍ୟାନ ଚାନ୍ଦ ବିଷୟରେ ଅବଗତ କରାଇବା ସହିତ ସେମାନେ କିପରି ନିଷ୍ଠା ର ସହ ଅଭ୍ୟାସ ରଖିବେ ସମ୍ୟକ ଆଲୋଚନା କରିଥିଲେ । ଏହି ଦିବସରେ ପ୍ରାୟ ୧୦୦ ସହ ରୁ ଖେଳାଳୀମାନେ ଯୋଗ ଦେଇଥିଲେ , ତଥା କ୍ରିକେଟ୍, ବାସ୍କେଟ ବଲ୍, ଫୁଟବଲ୍ , ହ୍ୟାଣ୍ଡବଲ୍ , ଟେନିକ ଏଟ୍, ନେଟ୍ ବଲ୍ ,ଆଥଲେଟିକ୍ସ, ରୋଲ୍ ବଲ୍ ଓ କବାଡି ) ଏଥିସହିତ ଭଦ୍ରକ କଲେଜ ର କ୍ରିଡ଼ା ଶିକ୍ଷୟତ୍ରୀ ସଂଧ୍ୟାରାଣୀ ମଲିକ, କ୍ରିକେଟ୍ କୋଚ ଅସୀତ ଦାସ, ଟେନିକ ଏଟ୍ କୋଚ ସୁବାସ ଚନ୍ଦ୍ର ଦୀକ୍ଷୀତ୍ ଓ ରାଜେଶ ନାୟକ , କୋଚ ଜନ୍ମେଜୟ ବାରିକ ଏବଂ ବରିଷ୍ଠ ଖେଳାଳୀ ଶ୍ରୀକାନ୍ତ ଜେନା, ହରିଶଙ୍କର ପାଣିଗ୍ରାହି,ସ୍ୱୟଂଭୁ ପ୍ରସାଦ ଦାସ, ନମ୍ରତା ସ୍ୱାଇଁ ,ସନ୍ତୋଷୀ ନି ତ୍ରିପାଠୀ, ଭାଗ୍ୟଶ୍ରୀ ରାଉତ୍ ପ୍ରମୁଖ ଉପସ୍ଥିତ ରହି ଜାତୀୟ କ୍ରିଡା ଦିବସକୁ ପରିଚାଳନାର ଭୂମିକା ନିର୍ବାହ କରିଥିଲେ।

## ବାଲେଶ୍ୱରରେ ଜାତୀୟ ଖେଳ ଦିବସ ଉତ୍ସାହପୂର୍ଣ୍ଣ ଭାବେ ପାଳିତ



ବାଲେଶ୍ୱର, ୨୯/୮ (ନି.ପ୍ର): ହକିର ଦିଗ୍‌ଗଜ ମେଜର ଧ୍ୟାନଚନ୍ଦଙ୍କ ଜନ୍ମଦିନ ଉପଲକ୍ଷେ ଜାତୀୟ ଖେଳ ଦିବସ ବାଲେଶ୍ୱର ସ୍ପୋର୍ଟସ୍ ହୋଷ୍ଟେଲ୍ ପଡ଼ିଆରେ ଉତ୍ସାହପୂର୍ଣ୍ଣ ଭାବେ ପାଳନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଧ୍ୟାନଚନ୍ଦଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରାଗଲା, ତା'ପରେ ୨୦୦ରୁ ଅଧିକ ଖେଳାଳିଙ୍କ ସହଭାଗୀତାରେ ବିଶାଳ ମାସ୍ ରାଲି ଆୟୋଜିତ ହୋଇଥିଲା। ଏହି ରଲିର ଉଦ୍‌ଘାଟନ ମାନ୍ୟବର ସାଂସଦ ଶ୍ରୀଜୁକ୍ତ ପ୍ରତାପ ଚନ୍ଦ୍ର ସାରଙ୍ଗୀଙ୍କ ଦ୍ୱାରା କରାଯାଇଥିଲା, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ବାଲେଶ୍ୱର ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ। ଅପରାହ୍ନରେ ଭଲିବଲ୍, ଖୋ-ଖୋ ଓ ବ୍ୟାଡମିଣ୍ଟନ୍ ମେଳାଣୀ ଆୟୋଜିତ ହୋଇଥିଲା, ଯାହାର ଉଦ୍‌ଘାଟନ ମାନ୍ୟବର ସାଂସଦ ବାଲେଶ୍ୱରଙ୍କ ହସ୍ତରେ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଂସଦ ଓ ଜିଲ୍ଲାପାଳ ଉଭୟେ ଖେଳର ମହତ୍ତ୍ୱ, ଶିଷ୍ଟାଚାର, ଦଳୀୟଭାବ ଓ ଶାରୀରିକ-ମାନସିକ ସ୍ୱାସ୍ଥ୍ୟରେ ତାହାର ଭୂମିକା ବିଷୟରେ ଆଲୋକ ପାତିଥିଲେ। ସେମାନେ ଯୁବସମାଜକୁ ଖେଳକୁ କେବଳ ଆବଶ୍ୟକୀୟ କ୍ରିୟାକଳାପ ଭାବରେ ନୁହେଁ, ବରଂ ଏକ ପେଶାଗତ ସୁଯୋଗ ଭାବେ ଗ୍ରହଣ କରିବାକୁ ପ୍ରେରିତ କରିଥିଲେ।

## ଉଦଳାରେ ସଂସ୍କୃତ ଦିବସ ପାଳିତ

### ସଂସ୍କୃତରେ ରହିଛି ବିଜ୍ଞାନ ଓ ଦର୍ଶନର ସମନ୍ୱୟ: ପ୍ରମିଳା ପଣ୍ଡା

ଉଦଳା , ୨୯/୮ (ନି.ପ୍ର): ଉଦଳାସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଚଳିତ ଅଗଷ୍ଟ ୨୮ ତାରିଖ ଗୁରୁବାର ଦିନ କପ୍ତିପଦା ଉପଖଣ୍ଡସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ସାମୂହିକ ବେଦପାଠ ସହିତ ଆଲୋଚନାଚକ୍ର ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତାପାଠ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ଯାଇଛି । ସଂସ୍କୃତ ଶିକ୍ଷକ ସଂଘର ଉଦ୍ୟମରେ ଏହିକାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଅକ୍ଷୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ସଂସ୍କୃତ ଭାଷା ଉପରେ ଗବେଷଣା ଚଳାଇଥିବା ଡ଼କ୍ଟର କୁମାର ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ




ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ପରେ ସାମୂହିକ ବେଦପାଠ କରାଯାଇଥିଲା । ପରେ ଆରତୀ ଜେନା ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମିଶ୍ର ତାଙ୍କର ବକ୍ତବ୍ୟରେ ପାଠପଢ଼ାକ୍ଷେତ୍ରରେ ସଂସ୍କୃତ ଇଚ୍ଛାଧୀନ ନୁହେଁ ବାଧ୍ୟତାମୂଳକ ହେବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଉଭୟ ବିଜ୍ଞାନ ଓ ଦର୍ଶନର ସମନ୍ୱୟ ସଂସ୍କୃତରେ ଦେଖିବାକୁ ମିଳିଥାଏ ବୋଲି ଭାଷଣ ମାଧ୍ୟମରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼. ଶଶିକାନ୍ତ ପଣ୍ଡା, ରଜତ କୁମାର ପଣ୍ଡା, ପ୍ରତାପ ବେହେରା, ଗୀତାଞ୍ଜଳୀ ନାୟକ, ବାବୁରାମ ଜେନା, ଜୟଚନ୍ଦ୍ର ବେହେରା, ସବିତା ମୁର୍ମୁ, ଶିବଚରଣ ନାୟକ, ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଅତିତରେ ତକ୍ଷଶୀଳା ବିଶ୍ୱବିଦ୍ୟାଳୟ ସଂସ୍କୃତ ଭାଷାପାଇଁ କିପରି ଗବେଷଣାଗାର ପାଲଟିଥିଲା, ସମଗ୍ର ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଗବେଷକ ମାନେ ଏଠାକୁ ଗବେଷଣା କରିବାକୁ ଆସୁଥିଲେ ଏବଂ ଦେଶ ବିଭାଜନ ସମୟରେ ଏହା ପାକିସ୍ଥାନକୁ ଚାଲିଯିବା ସହିତ କିପରି ଧ୍ୱଂସ ପାଲଟିଯାଇଥିଲା ଏହାର ଇତିହାସକୁ ମନେପକାଇଥିଲେ । ଏହାପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଗୀତାପାଠ ଓ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଶିକ୍ଷକ ରାମଚନ୍ଦ୍ର ସାହୁଙ୍କୁ ସଂଘ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋକୁଳ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭୋଳାନାଥ ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଆଗାମୀ ଦିନରେ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଓ ବହୁଳ ବ୍ୟବହାର ପାଇଁ ସଂଘ ତରଫରୁ ସବୁପ୍ରକାର ଉଦ୍ୟମ ଲକରାଯିବ ବୋଲି କୁହାଯାଇଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida